visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.230, Bhubaneswar Thursday, October 24, 2019 | ୨୨ତମ ବର୍ଷ | ସଂଖ୍ୟା–୨୩୦ | ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୨୪, ୨୦୧୯ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS

## ଲାଂଚ ନେବା ମାମଲା: ପୂର୍ବତନ ଆଇଆଇସିଙ୍କୁ ୫ ବର୍ଷ ଜେଲ୍ ଦଣ୍ଡ

ଜୟପୁର, ୨୩।୧୦(ପି.ଏନ): ଜୟପୁର ଭିଜିଲାନ୍ସ କୋର୍ଟର ଜଜ୍ ଶ୍ରୀକାନ୍ତ ମିଶ୍ର ଆଜି ଏକ ଲାଂଚ ଗ୍ରହଣ ସଂକ୍ରାନ୍ତୀୟ ମାମଲାର ବିଚାର କରି ଚୂଡ଼ାନ୍ତ ରାୟ ପ୍ରଦାନ ପୂର୍ବକ ଅଭିଯୁକ୍ତ ତତ୍କାଳୀନ ଥାନା ଅଧିକାରି ନିଳକଣ୍ଠ ମହାପାତ୍ରଙ୍କୁ ୫ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ବର୍ତମାନ ଶ୍ରୀ ମହାପାତ୍ର ମୟୁରଭଞ୍ଜ ଆଇସିଏଡବ୍ଲୁ ବିଭାଗରେ ଇନସପେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି । ସେ କଟକ ଜିଲା ତୁଳସିପୁର ମଠ କଲୋନିରେ ରହୁଛନ୍ତି । ମାମଲାର ବିବରଣିରୁ ପ୍ରକାଶ ଯେ, ବିଷମ କଟକର ଆଇଆଇସି ଭାବେ ନଳିନୀକଣ୍ଠ ମହାପାତ୍ର ଦାୟିତ୍ୱରେ ଥିବାବେଳେ ଉକ୍ତ ଅଂଚଳର ରାଧାକାନ୍ତ ଦାଶଙ୍କ ଠାରୁ ଜମି ଜମା ବିବାଦର ସମାଧାନ କରିଦେବି ବୋଲି କହି ୧୦ ହଜାର ଟଙ୍କା ଲାଂଚ ମାଗିଥିଲେ । ନଦେଲେ ମଧ ମାମଲାରେ ଫସାଇ ଜେଲ୍ ପଠାଇବାକୁ ଧମକ ଦେଇଥିଲେ । ପୋଲିସ ଅଧିକାରି ଜଣକ ରାଧାକାନ୍ତଙ୍କୁ ନିସ୍ଥୁକ ମାଡ ମାରିବା ସହ ତାଙ୍କ ମୋବାଇଲ୍ ର ସିମ କାର୍ଡ଼କୁ ମଧ ଛଡାଇ ନେଇଥିଲେ । ଏନେଇ ରାଧାକାନ୍ତ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ୩୦.୯.୨୦୧୦ ଲାଂଚ ନେବା ବେଳେ ଭିଜିଲାନ୍ସ ଅଧିକାରୀ ମାନଙ୍କୁ ଦେଖି ପୋଲିସ ଅଧିକାରି ଜଣକ ଦୌଡି ଥିଲେ । କିନ୍ତୁ ଅଧିକାରୀମାନେ ସମ୍ପୃକ୍ତ ପୋଲିସ ଅଧିକାରିଙ୍କୁ ଧରିବାରେ ସଫଳ ହୋଇଥିଲେ । ସେହି ଦିନ ଠାରୁ ଜୟପୁର ଭିଜିଲାନ୍ସ କୋର୍ଟ ରେ ମାମଲାର ଶୁଣାଣି ଚାଲିଥିବା ବେଳେ ଆଜି ରାୟ ପ୍ରକାଶ ପାଇଛି । କୋର୍ଟ ଅଭିଯୁକ୍ତ ମହାପାତ୍ରଙ୍କୁ ୫ ବର୍ଷ ଜେଲ ଦଣ୍ଡ ସହ ୫୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି । ମାମଲାକୁ ସରକାରୀ ଓକିଲ ଏମ. ବାଲାଜି ରାଓ ପରିଚାଳନା କରିଥିଲେ ।

## ଦେବାଳିଆ ବ୍ୟାଙ୍କରେ ଟଙ୍କା ନ ରଖିବା ଲାଗି ସଚିବ ମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୧୦(ପି.ଏନ): ବ୍ୟାଙ୍କ ଗୁଡ଼ିକର ଆର୍ଥିକ ସ୍ଥିତିକୁ ବିଚାରକୁ ନେଇ ଟଙ୍କା ଜମା ରଖିବା ଲାଗି ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ ମୀନା ବିଭିନ୍ନ ବିଭାଗର ସଚିବ ମାନଙ୍କୁ ଚିଠି ଲେଖି ଜଣାଇଛନ୍ତି । ଦେବାଳିଆ ହୋଇଥିବା ବ୍ୟାଙ୍କ ମାନଙ୍କରେ ଅର୍ଥ ଜମା ନ ରଖିବା ପାଇଁ କୁହାଯାଇଛି । ଯଦି କୌଣସି ଦେବାଳିଆ ବ୍ୟାଙ୍କରେ ଟଙ୍କା ଜମା ରହିଥାଏ ତେବେ ସମ୍ପୃକ୍ତ ବିଭାଗର ଅଧିକାରୀ ମାନଙ୍କୁ ଦାୟୀ କରାଯିବ । ଯଥେଷ୍ଟ କାରଣ ନ ଥାଇ ବ୍ୟାଙ୍କରୁ ଟଙ୍କା ନ ଉଠାଇବା ପାଇଁ ପରାମର୍ଶ ଦିଆଯାଇଛି । ବିଭିନ୍ନ ଗଣ ମାଧ୍ୟମରେ କେତେକ ବ୍ୟାଙ୍କର ଦେବାଳିଆ ସ୍ଥିତି ସମ୍ପର୍କରେ ପ୍ରକାଶ ପାଇଛି । ସେଥିନେଇ ରାଜ୍ୟ ସରକାରଙ୍କର ସନ୍ଦେହ ଦେଖାଦେଇଛି । ସେଥିପ୍ରତି ସତର୍କ ରହିବା ପାଇଁ ବିଭାଗୀୟ ସଚିବ ମାନଙ୍କୁ ମଧ କୁହାଯାଇଛି ।

## ସ୍ୱେଚ୍ଛାକୃତ ଭାବେ ଜାଗା ଦେଇଥିବା ପୁରୀର ୧୧ ପରିବାରକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୩।୧୦(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଶ୍ରୀମନ୍ଦିରର ସୁରକ୍ଷା ଓ ଶ୍ରୀକ୍ଷେତ୍ରରେ ଐତିହ୍ୟ ଜୋନର ବିକାଶ ପାଇଁ ସ୍ୱେଚ୍ଛାକୃତ ଭାବେ ଜାଗା ଦେଇଥିବା ୧୧ଟି ପରିବାରର ସଦସ୍ୟ ମାନଙ୍କୁ ଲୋକସେବା ଭବନରେ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉପହାର ଆକାରରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରୂପା ତାରକସୀର ପ୍ରତିମୂର୍ତ୍ତି ପ୍ରଦାନ କରିବା ସହିତ ଉତରୀୟ ମଧ୍ୟ ଦେଇଥିଲେ । ଏହି ଅବସରରେ ସେମାନଙ୍କ ତ୍ୟାଗ ଓ ଅବଦାନର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପରିବାର ମାନଙ୍କ ଅବଦାନ ପାଇଁ ଓଡ଼ିଶାବାସୀ ସେମାନଙ୍କ ନିକଟରେ ଚିର ଋଣୀ ରହିବେ । ଶ୍ରୀମନ୍ଦିରର ସୁରକ୍ଷା ଶ୍ରୀକ୍ଷେତ୍ରର ବିକାଶ ପାଇଁ ସେମାନଙ୍କ ତ୍ୟାଗକୁ ଆମର ଭବିଷ୍ୟତ ପୀଢ଼ି ସବୁଦିନ ପାଇଁ ମନେ ରଖିବ ବୋଲି ସେ କହିଥିଲେ । ଅନ୍ୟମାନେ ମଧ୍ୟ ରାଜ୍ୟ ସରକାରଙ୍କ ପ୍ୟାକଜେକୁ ଗ୍ରହଣ କରି ଶ୍ରୀଜଗନ୍ନାଥଙ୍କ ସେବା ପାଇଁ ସ୍ୱେଚ୍ଛାରେ ଜାଗା ଦେବାପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୁଁ ବହୁତ ଖୁସି ଯେ ଆପଣମାନେ ମୋର ଅନୁରୋଧ ରକ୍ଷା କରିଛନ୍ତି । ଶ୍ରୀମନ୍ଦିରର ସୁରକ୍ଷା ପାଇଁ ନିଜ ଜାଗା ଦେଇଛନ୍ତି । ଆପଣମାନଙ୍କର ଏ ଅବଦାନ ପାଇଁ ଓଡ଼ିଶାବାସୀ ଆପଣମାନଙ୍କ ନିକଟରେ ଋଣୀ । ଶ୍ରୀମନ୍ଦିର ଓଡ଼ିଆ ଜାତିର ଅମୂଲ୍ୟ ସମ୍ପତି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ବଡ଼ ପରିଚୟ । ମହାପ୍ରଭୁଙ୍କ ପାଇଁ, ତାଙ୍କ ମନ୍ଦିରର ସୁରକ୍ଷା ପାଇଁ ଆମେ କିଛି କରିପାରିଲେ ଆମ ଜୀବନ ଧନ୍ୟ ହେବ । ଯେଉଁମାନେ ଶ୍ରୀମନ୍ଦିର ସୁରକ୍ଷା ପାଇଁ ଜମି ଦେଉଛନ୍ତି ସେମାନଙ୍କ ପାଇଁ ରାଜ୍ୟ ସରକାର ବହୁତ ଭଲ ପ୍ୟାକେଜ କରିଛନ୍ତି । ଖୁସିର କଥା, ୧୧ ଜଣ ବନ୍ଧୁ ଆଜି ଏହି ପ୍ୟାକେଜର ସୁଯୋଗ ନେଇଛନ୍ତି । ଅନ୍ୟମାନେ ମଧ୍ୟ ଏହାକୁ ମହାପ୍ରଭୁଙ୍କ ସେବା ଭାବି ଏହାର ସୁଯୋଗ ନିଅନ୍ତୁ ଓ ଶ୍ରୀମନ୍ଦିର ସୁରକ୍ଷା ପରି ମହାନ କାର୍ଯ୍ୟରେ ସହଯୋଗ କରନ୍ତୁ । ଆପଣମାନଙ୍କ ଏହି ମହାନ ତ୍ୟାଗ ମହାପ୍ରଭୁଙ୍କ ସେବାରେ ନୂଆ ଇତିହାସ ସୃଷ୍ଟି କରିବ । ଓଡ଼ିଆ ଜାତିର ଭବିଷ୍ୟତ ପୀଢ଼ି ଆପଣମାନଙ୍କ ତ୍ୟାଗକୁ ସବୁଦିନ ପାଇଁ ମନେ ରଖିବ । ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିମାନେ ହେଲେ ଶ୍ରୀମତୀ ସଂଯୁକ୍ତା ସାମଲ, ଶ୍ରୀମତୀ ଚନ୍ଦ୍ରକାନ୍ତି ଦାସ, ଶ୍ରୀମତୀ କୁମୁଦିନୀ ଗୁରୁ, ଶ୍ରୀମତୀ ରମାଦେବୀ ଶର୍ମା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବ୍ରଜ କିଶୋର ପଣ୍ଡା, ଗଦାଧର ପାଢ଼ୀ, କଳୀଯୁଗ ଗୋପାଳଚନ୍ଦ୍ର ପ୍ରତିହାରୀ, ରାଜକିଶୋର ସାହୁ, ଶଶିଭୂଷର ଦାସ ଏବଂ ସେମାନଙ୍କ ପରିବାରବୃନ୍ଦ । ଏହି କାର୍ଯ୍ୟକ୍ରମରେ ପୂର୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ବାଲେଶ୍ୱର, ୨୩।୧୦(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଆଜି ଭୁବନେଶ୍ୱରସ୍ଥିତ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ସର୍ବେଶ୍ୱର ସେନାପତିଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ହୋଇଛି । ସର୍ବେଶ୍ୱରଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ, ବାଲେଶ୍ୱର ସହରର ଭାସ୍କର ଗଞ୍ଜ ଠାରେ ଥିବା ଘର ସମେତ ମୋଟ୍ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି । ଏଥିସହ ବାଲେଶ୍ୱର ଟାଉନ୍ ଥାନା ଅନ୍ତର୍ଗତ ରାଣୀପାଟଣାସ୍ଥିତ ତାଙ୍କ ଶ୍ୱଶୁର ଘରେ ମଧ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ଭୁବନେଶ୍ୱରରେ ସର୍ବେଶ୍ୱରଙ୍କ ୨ଟି ଫ୍ଲାଟ୍ ଥିବା ଜଣାପଡିଛି ।

### ୧୮୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମୋହନା, ୨୩।୧୦(ପି.ଏନ): ବ୍ରହ୍ମପୁର ଚାଲାଣ ବେଳେ ପ୍ରାୟ ୧୮୦ କେଜି ଗଞ୍ଜେଇ ଜବତ କରିଛି ଗଜପତି ଜିଲ୍ଲା ମୋହନା ଥାନା ପୋଲିସ । ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୯ ଲକ୍ଷ ଟଙ୍କା ହେବ । ଏହି ଘଟଣାରେ ଭାଲିଆଗଣ୍ଡା ଗାଁର ଥୋମାସ୍ ନାୟକକୁ ପୋଲିସ ଗିରଫ କରିଛି । ତେବେ କେତେ ଦିନ ଧରି ଏହି ଚୋରା ଚାଲାଣ ଚାଲିଥିଲା ଏବଂ ଏଥିରେ ଆଉ କେଉଁ ମାନେ ସାମିଲ୍ ଅଛନ୍ତି ପୋଲିସ ସେ ନେଇ ଅଧିକ ତଦନ୍ତ ଜାରୀ ରଖିଛି । ଅଭିଯୁକ୍ତ ଥୋମାସ୍ ୭ଟି ଜରି ବସ୍ତାରେ ପ୍ରାୟ ୧୮୦ କେଜି ଗଞ୍ଜେଇ ଭର୍ତି କରି ବ୍ରହ୍ମପୁର ଚାଲାଣ ପାଇଁ ବସ୍ କୁ ଅପେକ୍ଷା କରିଥିଲା । ତେବେ ଏହି ସମୟରେ ବାରିଆବନ୍ଧ ଅଂଚଳରେ ପେଟ୍ରୋଲିଂ କରୁଥିବା ପୋଲିସ ତାକୁ ଅଟକାଇ ଯାଂଚ୍ କରିବା କରିବା ବେଳେ ସମସ୍ତ ଘଟଣା ପଦାକୁ ଆସିଥିଲା । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାରେ ଅଭିଯୁକ୍ତ ଥୋମାସକୁ ଗିରଫ କରି କୋର୍ଟଚାଲାଣ କରିଛି ।

## ବିଦ୍ୟାଳୟ ଓ ଆହାର କେନ୍ଦ୍ରରେ ଅଚାନକ ପହଂଚିଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୩।୧୦(ପି.ଏନ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବାରଙ୍ଗ ତହସିଲ, ବାଙ୍କୀ ତହସିଲ, ମୁଣ୍ଡୁ ମୁହାଣ ନୋଡ଼ାଲ ସ୍କୁଲ ଓ ବାଙ୍କିସ୍ଥିତ ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତ ମନ୍ତ୍ରୀମାନଙ୍କୁ ଅଚାନକ ପରିଦର୍ଶନ କରିବାକୁ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କଟକ ଜିଲ୍ଲାର ବାରଙ୍ଗ ଓ ବାଙ୍କୀ ତହସିଲ ପରିଦର୍ଶନ କରି ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ । ବସୁନ୍ଧରା ଅନ୍ତର୍ଗତ ଘରଡିହ ପଟ୍ଟା ଆବଂଟନ, ମ୍ୟୁଟେସନ କେସ୍ ଫଇସଲା, ବିଭିନ୍ନ ପ୍ରମାଣପତ୍ର ଯୋଗାଇଦେବା, ସରକାରୀ ଜମି ସୁରକ୍ଷା ଆଦି କାର୍ଯ୍ୟର ୫-ଟି ଆଧାରରେ ସମ୍ପାଦନ ଉପରେ



ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ତହସିଲଦାର ଓ ଅନ୍ୟ କର୍ମଚାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ନିଷ୍ଠା ଓ ସ୍ୱଚ୍ଛତାର ସହ କାର୍ଯ୍ୟକରିବା ସହିତ ସମୟାନୁବର୍ତୀ ସେବା ପ୍ରଦାନପୂର୍ବକ ଓଡ଼ିଶା ଲୋକସେବା ଅଧିକାର ଆଇନ ତଥା ୫-ଟି ମନ୍ତ୍ରର ସଠିକ୍ ପ୍ରଣୟନ କରିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ମୁଣ୍ଡା ମୁହାଣ ନୋଡ଼ାଲ ସ୍କୁଲକୁ ଅଚାନକ ପରିଦର୍ଶନ କରି ସେଠାର ପ୍ରଦାନ କରଯାଉଥିବା ଶିକ୍ଷା ଓ ମଧ୍ୟାହ୍ନ ଭୋଜନର ମାନ ଉପରେ ଛାତ୍ରଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ମଧ୍ୟାହ୍ନ ଭୋଜନର ଗୁଣବତା ପରୀକ୍ଷା କରିବା ପାଇଁ ମନ୍ତ୍ରୀ ନିଜେ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଖାଇଥିଲେ । ପରେ ପରେ ବାଙ୍କିର ଆହାର କେନ୍ଦ୍ରକୁ ମନ୍ତ୍ରୀ ଅଚାନକ ପରିଦର୍ଶନରେ ଯାଇ ସେଠାରେ ଖାଦ୍ୟ ଖାଇବା ସହ ଖାଦ୍ୟର ମାନ ପରୀକ୍ଷା କରିଥିଲେ । ସେଠାରେ ଖାଦ୍ୟ ଗ୍ରହଣ କରୁଥିବା ଲୋକମାନଙ୍କର ମତ ମଧ୍ୟ ଲୋଡ଼ିଥିଲେ । ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଆହାର କେନ୍ଦ୍ରରେ ଏକ ସୁସ୍ଥ ପରିବେଶ ବଜାୟ ରଖିବାକୁ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ପରାମର୍ଶ ଦେଇଥିଲେ ।

## ୫ ଦିନିଆ ବିଦେଶ ଗସ୍ତର ଦ୍ୱିତୀୟ ଦିନରେ କେନ୍ଦ୍ରମନ୍ତ୍ରୀ



ଋଷ/ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୧୦(ପିଏନ): କୋଇଲା କ୍ଷେତ୍ରରେ ଋଷ ସହ ଦୀର୍ଘକାଳୀନ ସହଯୋଗ ଭାରତକୁ କୋକିଂ କୋଲର ସହାୟତା ଯୋଗାଇଦେବା ସହ ଦେଶର ଚାହିଦାକୁ ପୂରଣ କରିପାରିବ ବୋଲି ପାଂଚଦିନିଆ ବିଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଋଷର ବିଭିନ୍ନ ମନ୍ତ୍ରୀଗଣ ଓ ବରିଷ୍ଠ ଅଧିକାରୀଙ୍କ ସହ ବୈଠକ ପରେ ସୂଚନା ଦେଇଛନ୍ତି । ଅକ୍ଟୋବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଋଷ ଓ ଜାପାନ ଗସ୍ତରେ ଥିବା ଶ୍ରୀ ପ୍ରଧାନ ଗସ୍ତର ଦ୍ୱିତୀୟ ଦିନରେ ଋଷର ପର୍ବାଂଚଳ ଏବଂ ଆର୍କେଟିକ୍ର ବିକାଶ ପାଇଁ ଦାୟିତ୍ୱ ନେଇଥିବା ଋଷର ପ୍ରଥମ ଉପମନ୍ତ୍ରୀ ସର୍ଗେ ଟ୍ରୁସେଭଙ୍କ ସହ ଭାରତ ଏବଂ ଋଷ ମଧ୍ୟରେ ଉର୍ଜା କ୍ଷେତ୍ର ଉପରେ ଆଲୋଚନା କରିଛନ୍ତି । ଉଭୟ ମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ଉର୍ଜା ସହଯୋଗକୁ ବୃଦ୍ଧି କରିବା ପାଇଁ ବିଶେଷ ଭାବରେ କୋକିଂ କୋଲ୍ ଏବଂ ଅନ୍ୟାନ୍ୟ ଉର୍ଜାର ସ୍ରୋତ ଉପରେ ଗୁରୁତ୍ୱାରୋପ କରିଥିଲେ । ଋଷିଆନ ରେଳର ଉପମୁଖ୍ୟ ବାଦିମ୍ ମିଖାଲୋଭଙ୍କୁ ଭେଟି ଶ୍ରୀ ପ୍ରଧାନ କୋକିଂ କୋଲର ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଋଷିଆନ ରେଳର ଉପମୁଖ୍ୟ ସୂଚନା ଦେଇଥିଲେ ଯେ ଋଷିଆନ ରେଳ ଯାତ୍ରୀଙ୍କ ଭିଡକୁ କମ୍ କରବା ଏବଂ ବନ୍ଦର ଓ ଖଣିଜ କେନ୍ଦ୍ର ସହ ଉତମ ସଂଯୋଗ ସ୍ଥାପନ ପାଇଁ ୨୦୨୦ ସୁଦ୍ଧା ଆବଶ୍ୟକୀୟ ଭିତିଭୂମି ପୂରଣ କରିବ ।ଭୋଷ୍ଟୋଚିନେ ଇଂଟରମୋଡାଲ କଂଟେନର ବନ୍ଦରର ବରିଷ୍ଠ ଅଧିକାରୀଙ୍କୁ ଭେଟିଥିଲେ । ସାକ୍ଷାତ୍କାଳରେ ଶ୍ରୀ ପ୍ରଧାନ ବନ୍ଦରର ସଂପ୍ରସାରଣ ଏବଂ ଘରୋଇ ଇସ୍ପାତ ଉଦ୍ୟୋଗ ପାଇଁ କୋକିଂ କୋଲକୁ ସୁରକ୍ଷିତ କରିବା ପାଇଁ ବିଭିନ୍ନ ପଦ୍ଧତି ଉପରେ ଚର୍ଚ୍ଚା କରିଥିଲେ । ସେହିପରି ଶ୍ରୀ ପ୍ରଧାନ ଋଷିଆନ୍ ଷ୍ଟେଟ୍ ଜିଓଗ୍ରାଫିକାଲ୍ କମ୍ପାନୀ (ଆରଓଏସଜିଇଓ)ର ଉପାଧ୍ୟକ୍ଷଙ୍କୁ ଭେଟି କୋକିଂ କୋଲ, ତୈଳ, ଗ୍ୟାସ୍ ଏବଂ ମୂଲ୍ୟବାନ ଧାତୁ ତଥା ଲିଥିୟମ କ୍ଷେତ୍ର ଉପରେ ଆଲୋଚନା କରିଥିଲୋ ଉଲ୍ଲେଖନୀୟ ଯେ, ଭାରତୀୟ ଇସ୍ପାତର ଏକ ପ୍ରତିନିଧି ମଣ୍ଡଳି ଓ କୋଇଲା କମ୍ପାନୀ ଋଷର ବରିଷ୍ଠ ଅଧିକାରୀଙ୍କ ସହ ପୃଥକ ବୈଠକ କରି ବ୍ୟବସାୟିକ ଉପରେ ଆଲୋଚନା କରିଥିଲେ ।

## ନନ୍ଦନକାନନ ନିକଟ ଏଟିଏମ୍ ତାଡି ଲୁଟ୍

ଭୁବନେଶ୍ୱର, ୨୩।୧୦ (ପି.ଏନ): ଭୁବନେଶ୍ୱର ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଦୁଇ ନମ୍ବର ଫାଟକ ପାଖରେ ଥିବା ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ୍ ଏଟିଏମ୍ ରୁ ଲୁଟ୍ ହୋଇଛି । ଦୁର୍ବୃତମାନେ ଏଟିଏମ୍ ମେସିନ୍ ତାଡ଼ି ପକାଇ ଟଙ୍କା ନେଇଯାଇଛନ୍ତି । ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାକୁ ମଧ୍ୟ ସେମାନେ ଭାଙ୍ଗି ଦେଇଛନ୍ତି । ଦୁଇ ଦିନ ତଳେ ଏହି ମେସିନରେ ଟଙ୍କା ଭର୍ତି କରାଯାଇଥିଲା । ଘଟଣାସ୍ଥଳରେ ନନ୍ଦନକାନନ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।

## ଆଦର୍ଶ ବିଦ୍ୟାଳୟର ୫ ଛାତ୍ରୀ ଅସୁସ୍ଥ

ରାଉରକେଲା, ୨୩।୧୦(ପି.ଏନ): ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀର ୫ ଜଣ ଛାତ୍ରୀ ଆଜି ପୂର୍ବାହ୍ନରେ ଅଣ୍ଡା ଭାତ ଖାଇବାର କିଛି ସମୟ ପରେ ଅସୁସ୍ଥ ଅନୁଭବ କରିଥିଲେ । ସେମାନଙ୍କ ମୁଣ୍ଡ ବୁଲାଇବା ସହିତ ବାନ୍ତି ହୋଇଥିଲା । ବିଦ୍ୟାଳୟ କର୍ତୃପକ୍ଷ ଏ ସମ୍ପର୍କରେ ଜାଣିବା ପରେ ତୁରନ୍ତ ଅସୁସ୍ଥ ଛାତ୍ରୀ ମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ)ରେ ଚିକିତ୍ସା ନିମନ୍ତେ ଭର୍ତି କରିଥିଲେ । ସେଠାରେ ଦୁଇ ଜଣ ଛାତ୍ରୀ ଚିକିତ୍ସା ପରେ ସୁସ୍ଥ ହୋଇ ବିଦ୍ୟାଳୟ ହଷ୍ଟେଲକୁ ଫେରିଥିବା ବେଳେ ଅନ୍ୟ ୩ ଜଣ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ପରିଲକ୍ଷିତ ହେଉଥିବା ମେଡିକାଲ ସୂତ୍ରରୁ ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବାହ୍ନରେ ଅଣ୍ଡା ଭାତ ଖାଇ ଏମାନେ ଶ୍ରେଣୀ ଗୃହରେ ପାଠ ପଢୁଥିବା ବେଳେ ଏଭଳି ସ୍ଥିତି ଉପୁଜି ଥିଲା । ଖାଦ୍ୟବିଷାକ୍ତକରଣ ଯୋଗୁଁ ଏଭଳି ହୋଇଥିବା ଅନୁମାନ କରାଯାଉଛି ।

## ପରିବହନ ଇନ୍ଧନର ବିପଣନ ଲାଗି କ୍ଷମତା ପ୍ରଦାନ କରିବା ନିୟମାବଳୀ ସମୀକ୍ଷା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ, ୨୩।୧୦(ପି.ଏନ): ପରିବହନ ଇନ୍ଧନର ବିପଣନ ଲାଗି କ୍ଷମତା ପ୍ରଦାନ କରିବାର ନିୟମାବଳୀ ସମୀକ୍ଷା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ (ସିସିଇଏ) ବୈଠକରେ ମଞ୍ଜୁରି ମିଳିଛି । ଏହା ପେଟ୍ରୋଲ ଏବଂ ଡିଜେଲର ବିପଣନ ଲାଗି ରହିଥିବା ନିୟମାବଳୀରେ ଗୁରୁତ୍ୱପୂର୍ଣ୍ଣ ସୁଧାର ଆଣିବ । ପରିବହନ ଇନ୍ଧନ ବିପଣନ ଲାଗି କ୍ଷମତା ପ୍ରଦାନ କରିବା ପାଇଁ ବର୍ତ୍ତମାନର ନୀତିରେ ୨୦୦୨ ପରଠାରୁ ଗତ ୧୭ ବର୍ଷ ମଧ୍ୟରେ କୌଣସି ପରିବର୍ତନ କରାଯାଇନଥିଲା । ବଜାରର ପରିବର୍ତ୍ତିତ ପରିଦୃଶ୍ୟ ଏବଂ ଏହି କ୍ଷେତ୍ର ସହ ଜଡ଼ିତ ବିଦେଶୀ କମ୍ପାନୀ ସହିତ ଘରୋଇ କମ୍ପାନୀର ନିବେଶକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବର୍ତମାନ ଏହାକୁ ସଂଶୋଧିତ କରାଯାଇଛି । ନୂଆନୀତି ଫଳରେ ପରିବହନ ନୀତି ସହ ଜଡ଼ିତ ନିୟମାବଳୀ ଜରିଆରେ ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହନ ମିଳିବ । ଯଦ୍ଦ୍ୱାରା ଏହି କ୍ଷେତ୍ରରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଅଧିକ ସଂଖ୍ୟାରେ ଖୁଚୁରା ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ ଉପଭୋକ୍ତାଙ୍କ ଲାଗି ଉନ୍ନତ ପ୍ରତିଦ୍ୱନ୍ଦ୍ୱିତା ଏବଂ ଉନ୍ନତ ସେବା ଉପଲବ୍ଧ ହୋଇପାରିବ । ଏହାଦ୍ୱାରା ଘରୋଇ କମ୍ପାନୀ ଲାଗି ରହିଥିବା ବାଧକ ଦୂର ହେବ – ଏପରି କ୍ଷମତା ପାଇବା ଲାଗି ଇଚ୍ଛୁକ କମ୍ପାନୀ ପାଇଁ ୨ହଜାର କୋଟି ଟଙ୍କାର ଆଗୁଆ ନିବେଶ ଲାଗି ବର୍ତମାନ ରହିଥିବା ଆବଶ୍ୟକତା ତୁଳନାରେ ଏବେ ସର୍ବନିମ୍ନ ୨୫୦ କୋଟି ଟଙ୍କା ମୋଟ ନିବେଶର ଆବଶ୍ୟକତା ପଡ଼ିବ । ଅଣ-ତୈଳ କମ୍ପାନୀଗୁଡ଼ିକ ମଧ ଖୁଚୁରା କ୍ଷେତ୍ରରେ ନିବେଶ କରିପାରିବେ । ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଆଗୁଆ ନିବେଶର ଆବଶ୍ୟକତାକୁ ଉଚ୍ଛେଦ କରାଯାଇଛି । ଏଥିରେ ମୁଖ୍ୟତଃ ସନ୍ଧାନ ଓ ଉତ୍ପାଦନ, ବିଶୋଧନ, ପାଇପଲାଇନ/ଟର୍ମିନାଲ ଆଦି ସାମିଲ ରହିଛି । ପେଟ୍ରୋଲ ଏବଂ ଡିଜେଲ ପାଇଁ ବିପଣନ ଅଧିକାର ପାଇବା ଲାଗି ଇଚ୍ଛୁକ କମ୍ପାନୀଗୁଡ଼ିକୁ ଖୁଚୁରା ଏବଂ ପାଇକାରୀ ବିକ୍ରି କ୍ଷମତା ନିମନ୍ତେ ପୃଥକ ପୃଥକ ଭାବେ କିମ୍ବା ଏକାଠି ଆବେଦନ କରିବା ପାଇଁ ଅନୁମତି ମିଳିବ । କମ୍ପାନୀଗୁଡ଼ିକୁ ବିପଣନ କ୍ଷମତା ପ୍ରଦାନ ଲାଗି ଏକ ଯୁଗ୍ମ ଉଦ୍ୟୋଗ କିମ୍ବା ସହାୟକ କମ୍ପାନୀ ପ୍ରତିଷ୍ଠା କରିବା କ୍ଷେତ୍ରରେ ନମନୀୟତା ପ୍ରଦାନ କରାଯାଇଛି । ପାରମ୍ପରିକ ଇନ୍ଧନ ବ୍ୟତୀତ, କ୍ଷମତାପ୍ରାପ୍ତ କମ୍ପାନୀଗୁଡ଼ିକ ତିନି ବର୍ଷ ମଧ୍ୟରେ ପ୍ରସ୍ତାବିତ ଖୁଚୁରା ବିକ୍ରୟ କେନ୍ଦ୍ରରେ ସିଏନଜି, ଏଲଏନଜି, ଜୈବ ଇନ୍ଧନ, ବିଦ୍ୟୁତ ଚାର୍ଜିଂ ଆଦି ସର୍ବନିମ୍ନ ଗୋଟିଏ ନୂଆ ବିକଳ୍ପ ଇନ୍ଧନ ବିପଣନ କରିବା ଜରୁରି । ବିଦେଶୀ କମ୍ପାନୀ ସହିତ ଅଧିକ ସଂଖ୍ୟାରେ ଘରୋଇ କମ୍ପାନୀ ଖୁଚୁରା ଇନ୍ଧନ ବିପଣନରେ ନିବେଶ କରିବେ ବୋଲି ଆଶା କରାଯାଉଛି, ଫଳରେ ଉପଭୋକ୍ତାଙ୍କ ପାଇଁ ଉନ୍ନତ ପ୍ରତିଦ୍ୱନ୍ଦ୍ୱିତା ଓ ସେବା ଉପଲବ୍ଧ ହୋଇପାରିବ । ନୂଆ କମ୍ପାନୀ ଇନ୍ଧନ ବିପଣନ ଲାଗି ଅତ୍ୟାଧୁନିକ ପ୍ରଯୁକ୍ତି ଉପଯୋଗ କରିବେ ଏବଂ ଖୁଚୁରା ବିକ୍ରୟ କେନ୍ଦ୍ରରେ ଡିଜିଟାଲ ପଇଠକୁ ମଧ ପ୍ରୋତ୍ସାହନ ଦେବେ । ଏସବୁ କମ୍ପାନୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ମହିଳା ଓ ପୂର୍ବତନ ସୈନିକମାନଙ୍କୁ ନିଯୁକ୍ତିକୁ ମଧ ପ୍ରୋତ୍ସାହନ ଦେବେ । ସମସ୍ତ ଖୁଚୁରା ବିକ୍ରୟ କେନ୍ଦ୍ରରେ ସିସିଟିଭି ସୁବିଧା ପ୍ରତିଷ୍ଠା କରାଯିବ । କ୍ଷମତାପ୍ରାପ୍ତ କମ୍ପାନୀ ପାଇଁ କ୍ଷମତା ପାଇବାର ୫ ବର୍ଷ ମଧ୍ୟରେ ବିଜ୍ଞପିତ ଉପାନ୍ତ ଅଂଚଳରେ ମୋଟ ଖୁଚୁରା ବିକ୍ରୟ କେନ୍ଦ୍ରର ସର୍ବନିମ୍ନ ୫% କେନ୍ଦ୍ର ପ୍ରତିଷ୍ଠା କରିବା ବାଧ୍ୟତାମୂଳକ ହେବ । ଏହି ବାଧ୍ୟତାମୂଳକ ନିୟମର କାର୍ଯ୍ୟକାରୀତା ଅନୁଧ୍ୟାନ କରିବା ଲାଗି ଏକ ପ୍ରଭାବୀ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି । କୌଣସି ବ୍ୟକ୍ତିଙ୍କୁ ରାଷ୍ଟ୍ରାୟତ ତୈଳ ବିପଣନ କମ୍ପାନୀର ଖୋଲା ଡିଲରସିପ ପାଇଁ ଗୋଟିଏରୁ ଅଧିକ ବିପଣନ କମ୍ପାନୀର ଡିଲରସିପ ମିଳିପାରିବ । ତେବେ ଭିନ୍ନ ଭିନ୍ନ କ୍ଷେତ୍ର ପାଇଁ ଏହା ମିଳିବ ।

## ପିଇଓ ସ୍ମିତାରାଣୀ ମୃତ୍ୟୁ ମାମଲା : ୨୬ରେ ସବୁ ଥାନାରେ ଏସପିଙ୍କ ବିରୁଦ୍ଧରେ ଏତଲା ଦେବ ବିଜେପି

ଭୁବନେଶ୍ୱର, ୨୩।୧୦(ପି.ଏନ): ଯାଜପୁରେ ଜିଲ୍ଲା ଧର୍ମଶାଳା ବ୍ଲକ୍ ହରିଦାସପୁର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଜିଲ୍ଲା ଏସପି ଗଣମାଧ୍ୟମରେ ମୃତକ ସ୍ମିତାରାଣୀଙ୍କ ଚରିତ୍ରକୁ ଆକ୍ଷେପ କରି ବକ୍ତବ୍ୟ ଦେବା ସହ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିଥିବାରୁ ତାଙ୍କ ବିରୁଦ୍ଧରେ ଫୌଜଦାରୀ ମକୋଦ୍ଦମା ଲାଗୁ ହେବା ଉଚିତ୍ । ଆସନ୍ତା ୨୬ ତାରିଖ ଦିନ ଜିଲ୍ଲାର ସମସ୍ତ ଥାନାରେ ବିଜେପି ପକ୍ଷରୁ ଜିଲ୍ଲା ଏସପି ଚରଣ ସିଂହ ମୀନାଙ୍କ ନାଁରେ ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ସୂଚନା ଦେଇଛନ୍ତି । ପିଇଓ ସ୍ମିତାରାଣୀଙ୍କ ଗଣଦୁର୍ଷ୍କମ ଏବଂ ହତ୍ୟା ସ୍ଥଳୀରେ ରଙ୍ଗଶାଳା ସାଜିଥିବା ଗେଷ୍ଟ ହାଉସରେ ମୁଖ୍ୟ ଅଭିଯୁକ୍ତ ବିଜେଡି ସରପଂଚଙ୍କ ସ୍ୱାମୀ ରୂପେଶ ଭଦ୍ର ଓରଫ ନାଣ୍ଟୁ ବ୍ୟତୀତ ୨ ଜଣ ବିଜେଡି ସମିତି ସଭ୍ୟ, ଜଣେ ବିଜେଡି ଜିଲ୍ଲା ପରିଷଦ ସଦସ୍ୟ ଏବଂ ରାମକୋ ସିଂମେଟର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଥିଲେ । ଘଟଣାରେ ରୂପେଶ ଭଦ୍ରକୁ ଗିରଫ କରାଯାଇଥିବା ସମୟରେ ଆଉ ୪ ଜଣଙ୍କୁ ପୋଲିସ କଣ ପାଇଁ ଗିରଫ କରିନାହିଁ । ଅନ୍ୟପଟେ ଯାଜପୁର ଏସପି ମୃତକ ସ୍ମିତାରାଣୀଙ୍କ ଚରିତ୍ର ହନନ କରିବା ସହ ତଦନ୍ତକୁ ପ୍ରଭାବିତ କରିଛନ୍ତି । ଜଣେ ସରକାରୀ କାର୍ଯ୍ୟରତ ସରକାରୀ ଅଫିସରଙ୍କୁ ହତ୍ୟା କରିବା ପରେ ବି ରାଜ୍ୟସରକାର ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ହରିଦାସପୁର ପଂଚାୟତ ନିର୍ବାହୀ ଅଧିକାରୀ ଭାବେ ମୃତକ ସ୍ମିତାରାଣୀ କାର୍ଯ୍ୟ କରୁଥିଲେ । ଏହି ପରିପ୍ରେକ୍ଷୀରେ ରାଜ୍ୟସରକାର ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ତଦନ୍ତ ନକରି ବୃତିଗତ ଆଧାରରେ ତଦନ୍ତ କରନ୍ତୁ ବୋଲି ରାଜ୍ୟ ବିଜେପି ଉପସଭାପତି ଶ୍ରୀ ମହାନ୍ତି ଦାବି କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜ୍ୟସରକାର ମହିଳା ସଶକ୍ତିକରଣ , ମୋ ସରକାର, ମୋ ପୋଲିସ ଏବଂ ୫ଟି କଥା କହୁଥିବାବେଳେ ଏକ ସରକାରୀ ମହିଳାଙ୍କ ମୃତ୍ୟୁପରେ ଜଣେ ବି ସରକାରୀ ଅଧିକାରୀ ତାଙ୍କ ପରିବାରକୁ ନଭେଟିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ମୃତକ ସ୍ମିତାରାଣୀଙ୍କ ମୃତ୍ୟୁ ପରେ ଯାଜପୁର ଏସପି ଘଟଣାକୁ ଚପେଇ ଦେବା ପାଇଁ ବିଭିନ୍ନ ପ୍ରକାର ଅପଚେଷ୍ଟା କରିଛନ୍ତି । ମହିଳା କମିଶନ ଘଟଣା ସ୍ଥଳକୁ ଯାଇଥିଲେ ବି ପରିବାର ଲୋକଙ୍କ ସହ ଏ ପର୍ଯ୍ୟନ୍ତ ଭେଟି ନାହାଁନ୍ତି । ପୋଲିସ ଡିଜି ମଧ୍ୟ ମୃତକ ସ୍ମିତାରାଣୀଙ୍କ ସ୍ୱାମୀଙ୍କୁ ଦେଖା କରିବାକୁ ସମୟ ଦେଇ ନହାଁନ୍ତି । ଘଟଣାକୁ ୭ ଦିନ ବିତିଥିଲେ ବି ରାଜ୍ୟ ସରକାର, ଜିଲ୍ଲା ପୋଲିସ, ଜିଲ୍ଲା ପ୍ରଶାସନ ଏପର୍ଯ୍ୟନ୍ତ ବାକି ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସ୍ମିତାରାଣୀର ହତ୍ୟା ବେଳେ ଗେଷ୍ଟ ହାଉସରେ ଥିବା ବିଜେଡି ନେତା ଏବଂ ରାମକୋ ଅଧିକାରୀଙ୍କୁ ଜେରା ନକରି ପୋଲିସ ମୃତକଙ୍କ ସ୍ୱାମୀଙ୍କୁ ଜେରା କରୁଛି । ଯେଉଁ ଗେଷ୍ଟ ହାଉସରେ ଏଭଳି ହତ୍ୟାକାଣ୍ଡ ଘଟିଛି ସେ ଘରକୁ ପୋଲିସ ଏପର୍ଯ୍ୟନ୍ତ ସିଲ୍ କରିନାହିଁ । ସେହିପରି ମରଶରୀର ବୁହା ହୋଇଥିବା ସ୍କୋପିଏ ଗାଡିକୁ ପୋଲିସ ଜବତ କରିନାହିଁ । ଏହି ହତ୍ୟାକାଣ୍ଡରେ ରାମକୋ ଅଧିକାରୀଙ୍କ ହାତ ରହିଛି ବୋଲି ସନ୍ଦେହ ହେଉଛି । ତେଣୁ ଏହା ମଧ ଅନୁସନ୍ଧାନ ପରିସରଭୁକ୍ତ ହେଉ କି, ରାମ୍‌କୋର କିଏ ଓ କାହିଁକି ସେ ଗେଷ୍ଟ ହାଉସକୁ ଆସିଥିଲେ ? ତାଙ୍କ ଏହି ହତ୍ୟାକାଣ୍ଡରେ ସଂପୃକ୍ତି ରହିଛି କି ନାହିଁ ? ଜିଲ୍ଲା ଏସପି ଗଣମାଧ୍ୟମରେ ମୃତକ ସ୍ମିତାରାଣୀଙ୍କ ଚରିତ୍ରକୁ ଆକ୍ଷେପ କରି ବକ୍ତବ୍ୟ ଦେବା ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ ଏବଂ ଅସଲ ସତ୍ୟାସତ୍ୟକୁ ଲୁଚାଇବା ପାଇଁ ହୀନ ଚକ୍ରାନ୍ତ ନୁହେଁ ତ ? ଅଭିଯୁକ୍ତଙ୍କ ବଦଳରେ ପୀଡିତାଙ୍କ ସ୍ୱାମୀ, ଭାଇ, ବାପାଙ୍କୁ ଘଂଟାଘଂଟା ଧରି ଥାନାରେ ଅଟକ ରଖାଯାଇ ଜେରା କରାଯିବାର ଉଦ୍ଦେଶ୍ୟ କ'ଣ ? ଜଣେ କାର୍ଯ୍ୟରତ ପିଇଓଙ୍କ ମୃତ୍ୟୁ ପରେ ବିଡିଓ ଚେଲା ଦେଲେ ନାହିଁ କାହିଁକି ? ଗେଷ୍ଟ ହାଉସରେ ଲାଗିଥିବା ସିସି ଟିଭି କାହିଁକି ଯାଂଚ କରାଯାଉ ନାହିଁ ? କାହା ପୋତ୍ସାହନରେ ସରକାରୀ ଜାଗାରେ ଏମିତି ଏକ ବେଆଇନ ଗେଷ୍ଟହାଉସ ନିର୍ମାଣ ହେଲା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମର ନାୟକ ଏବଂ ପବିତ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ ।

## ୧୦୬୮ ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଭୂତଙ୍କ ମେଳା



ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ



ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ





ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା



ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।

# ଆଜିର ଭାଗ୍ୟ

**ମେଷ**
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭ୍ରାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ**
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ**
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ**
ବନ୍ଧୁଙଂକ ନିକଟରୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ**
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା**
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା**
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା**
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ**
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର**
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ**
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ**
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ



ଆପଣଙ୍କ ଶରୀର ପାଇଁ କ୍ଷତିକାଡ଼ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହେଁ । କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ । ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ । ହଂକଂ ୟୁନିଭରସିଟିର ସହାୟକ ପ୍ରଫେସର ଡା. ଶିୟାଂଗ୍ରୁ ଝାଂଗଙ୍କ ଅନୁସାରେ ଖାଦ୍ୟ ବନାଇବା ସମୟରେ ସୃଷ୍ଟି ହେଉଥିବା ଆଇ-ଡିବିପି ପର୍ଯ୍ୟାବରଣୀୟ ରସାୟନବିଦ୍ ଓ ଇଞ୍ଜିନିୟର ମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ । ତେଣୁ ଗବେଷକମାନେ ବିଭିନ୍ନ ପାଇପ ପାଣିକୁ ବିଭିନ୍ନ ତାପମାତ୍ରାରେ ରଖି ସେଥିରେ ଆୟୋଡ଼ିନ୍ ଲୁଣ ମିଶାଇ ପରୀକ୍ଷା କରିଥିଲେ । ଅତି ଆଧୁନିକ ପ୍ରକ୍ରିୟା ବ୍ୟବହାର କରି ସେମାନେ ସେଥିରୁ ୧୪ ଅଣୁକୁ ଚିହ୍ନିପାରିଥିଲେ ଯାହା ୫୦-୨୦୦ଗୁଣା ଅଧିକ କ୍ଷତିକାରକ ।

## ଅନିଦ୍ରାର କୁପ୍ରଭାବ



ନିଦ ନ ଆସିବାର ସମସ୍ୟାକୁ ଏକ ସାଧାରଣ କଥା ଭାବିବା ଉଚିତ୍ ନୁହେଁ । ଏଥିରେ ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି କମ୍ ହେବାର ଆଶଙ୍କା ରହିଥାଏ । ଅକ୍ସଫୋର୍ଡ଼ ୟୁନିଭରସିଟିର ରିସର୍ଚ୍ଚକର୍ତ୍ତାଙ୍କ ମତାନୁସାରେ ନିଦ ମସ୍ତିଷ୍କର ଘର ଜଗୁଆଳ ସଦୃଶ ଯାହା ମସ୍ତିଷ୍କର ମରାମତି କାର୍ଯ୍ୟ କତରିଥାଏ । ଏଥିପାଇଁ ରିସର୍ଚ୍ଚକର୍ତ୍ତାମାନେ ମସ୍ତିଷ୍କ ସହ ଅନିଦ୍ରାର କ'ଣ ସମ୍ପର୍କ ରହିଛି ତା'ଉପରେ ରିସର୍ଚ୍ଚ କରିଥିଲେ । ଅଧ୍ୟୟନରୁ ଜଣା ପଡ଼ିଥିଲା ନିଦ ନ ହେବା ଜଟିଳତା ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କ ପାଖରେ ଦେଖାଯାଏ । ବୟସ୍କ ବ୍ୟକ୍ତିଙ୍କ ପାଇଁ ପ୍ରତିଦିନର ଆଠ ଘଣ୍ଟାର ପର୍ଯ୍ୟାପ୍ତ ନିଦ୍ରା ଜରୁରୀ । ଅନିଦ୍ରା ସମସ୍ୟାରେ ପୀଡ଼ିତ ଥିବା ବ୍ୟକ୍ତି ତାଙ୍କର ଖାଦ୍ୟପେୟକୁ ଧ୍ୟାନରେ ରଖିଲେ ଏହି ଅନିଦ୍ରା ସମସ୍ୟାରୁ ନିଜକୁ ବଞ୍ଚାଇପାରିବେ ।




# କନ୍ଧମାଳ ମାଟିର ସନ୍ତାନ ଇସ୍ରୋ ବୈଜ୍ଞାନିକ ଅଭିମନ୍ୟୁଙ୍କୁ ଜନ୍ମମାଟିରେ ଭବ୍ୟ ସମ୍ବର୍ଦ୍ଧନା

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଚକାପାଦ ବ୍ଲକ କୁସୁମେଣ୍ଡି ପଂଚାୟତ ଅନ୍ତର୍ଗତ ସିମ୍ବାଲି ଗ୍ରାମର ଆଦିବାସୀ ଯୁବକ ଶ୍ରୀହରିକୋଟା ଇସ୍ରୋରେ ବୈଜ୍ଞାନିକ ଅଭିମନ୍ୟୁ । ନିଷ୍ଠା, ଉଦ୍ୟମ ଓ କଠୋର ପରିଶ୍ରମ ଓ ସୀମିତ ସମ୍ବଳ ମଧ୍ୟରେ ସଂଘର୍ଷ କରି ଦେଶ ତଥା ବିଶ୍ୱର ଏକ ପ୍ରମୁଖ ମହାକାଶ ଗବେଷଣା ସଂସ୍ଥାରେ ବୈଜ୍ଞାନିକ ଭାବେ ଅବସ୍ଥାପିତ ହୋଇପାରିଛନ୍ତି ସିମ୍ବାଲି ଗାଁର ସ୍ୱର୍ଗତଃ ଜପେଶ୍ୱର ମଲିକ ଓ ମାଆ ବୈଦେହୀ ମଲିକଙ୍କ ପୁଅ ଅଭିମନ୍ୟୁ ମଲିକ । ଆମେ ଆମ ଜନ୍ମମାଟିର ସୁଯୋଗ୍ୟ ସନ୍ତାନଙ୍କୁ ଆଜି ସମ୍ବର୍ଧନା କରି ଗର୍ବ ଅନୁଭବ କରୁଛୁ ବୋଲି ଏକ ସ୍ୱରରେ କହିଛନ୍ତି ପଂଚାୟତ ବାସୀ । ଗତ ୭ ଓ ୮ ତାରିଖରେ ଫୁଲବାଣୀଠାରେ କରୋନେସନ ପଡିଆରେ ଇସ୍ରୋ ପକ୍ଷରୁ ଆସିଥିବା ବସ୍ ଯୋଗେ ମହାକାଶ ପ୍ରଦର୍ଶନୀ ଅବସରରେ ଫୁଲବାଣୀର ଆଇନଜୀବି ବିଜୟକୃଷ୍ଣ ପଟ୍ଟନାୟକ, ଜିଲା ବିଜ୍ଞାନ ନିରୀକ୍ଷକ ଅଶୋକ କୁମାର ପାତ୍ର ଓ ଅଭିମନ୍ୟୁ ପାଠପଢିଥିବା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବପ୍ରକାଶ ପଣ୍ଡା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଅଭିମନ୍ୟୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରଦିନ ତାଙ୍କ ଜନ୍ମମାଟି କୁସୁମେଣ୍ଡି ପଂଚାୟତ ମୁଖ୍ୟାଳୟରେ ଶିବଶକ୍ତି ଯୁବକ ସଂଘ ଆନୁକୁଲ୍ୟରେ ବିଶାଳ ସମ୍ବର୍ଦ୍ଧନା ସଭାରେ ଉପରୋକ୍ତ ମତ ଦେଇଛନ୍ତି ସମସ୍ତେ । ସରପଂଚ କିଶୋର ଚନ୍ଦ୍ର କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଇସ୍ରୋ ବୈଜ୍ଞାନିକ ଅଭିମନ୍ୟୁ ଆମ ମାଟିର ସନ୍ତାନ ଓ ସେ ଯେଉଁ ସଫଳତା ପାଇଛନ୍ତି ତାହା ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି କହିଥିଲେ । ଲାଇନପଡାର ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଅଭିମନ୍ୟୁ ମଲିକଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ଏଥିରେ ଆମେ ଅତ୍ୟନ୍ତ ଆନନ୍ଦିତ ବୋଲି ପ୍ରକାଶ କରିଥିଲେ । ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କୁ ସ୍ୱାଗତ କରାଯାଇ ଶୋଭାଯାତ୍ରାରେ ସଭାସ୍ଥଳକୁ ଅଣାଯାଇଥିଲା ।

ଏହି ବୈଠକରେ ବ୍ଲକ ଉପାଧକ୍ଷା ନିର୍ମଳା ସାହୁ, ବିଜେଡି ନେତା ରାଜେଶ ଦିଗାଲ, ବିଜେପି ନେତା ଘୋରବନ ବେହେରା, ପୂର୍ବତନ ସରପଂଚ ଭୁବନେଶ୍ୱର ମଲିକ, ରଞ୍ଜିତ୍ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନ, ଯୁଧିଷ୍ଠିର ସାହୁ, ଉଦୟନାଥ ଭୋଇ, ଯୁଧିଷ୍ଠିର ବେହେରା, ଚକ୍ରପାଣି ନାୟକ, ପ୍ରତାପ କିଶୋର ବେହେରା, ସନ୍ତୋଷ ଭୋଇ, ବିନୋଦ ବିହାରୀ ନାୟକ, ସରୋଜ ସାହୁ, ଗୋବିନ୍ଦ ନାୟକ, ଅଶ୍ୱିନୀ ପ୍ରଧାନ, ଗୌରଚନ୍ଦ୍ର ପୃଷ୍ଟି, ରାମଚନ୍ଦ୍ର ନାଏକ, କିଶୋର ଦିଗାଲ, ରମାକାନ୍ତ ପ୍ରଧାନ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବୈଜ୍ଞାନିକ ଅଭିମନ୍ୟୁଙ୍କ ପ୍ରତି ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ନିଜ ମାଟିରେ ସମ୍ମାନ ଠାରୁ ଆଉ କିଛି ବଡ ନୁହେଁ ଏବଂ ଆଜି ମୋ ସ୍ୱପ୍ନ ସାକାର ହେଉଛି ଏହି ଛାତ୍ରଛାତ୍ରୀ ଓ ଆଗାମୀ ପିଢିର ଉତ୍ସାହୀ ଯୁବ ବନ୍ଧୁଙ୍କୁ ଦେଖି ବୋଲି ନିଜ ପ୍ରତିକ୍ରିୟାରେ କହିଥିଲେ ଶ୍ରୀ ମଲିକ । ଶିକ୍ଷା ମନଯୋଗ ସହିତ ଆହରଣ କରିବାକୁ ଉପସ୍ଥିତ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ସେ ପରାମର୍ଶ ଦେଇଥିଲେ ।

# ଓଡିଶା କୃଷି ଓ ଗ୍ରାମ୍ୟ ଶ୍ରମିକ ସଙ୍ଘ ପକ୍ଷରୁ ଶ୍ରମିକଙ୍କ ନାମ ପଞ୍ଜିକରଣ ଏବଂ ସହାୟତା ପ୍ରଦାନରେ ଶ୍ରମ ଅଫିସର କାଳକ୍ଷେପଣ ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡା (ପିଏନ)- ଓଡିଶା କୃଷି ଓ ଗ୍ରାମ୍ୟ ଶ୍ରମିକ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ କେନ୍ଦ୍ରୀୟ ଶ୍ରମ ସଂଗଠନ ମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ ସହିତ ଶ୍ରମିକମାନଙ୍କ ନାମ ପଞ୍ଜିକରଣ ଓ ସହାୟତା ପ୍ରଦାନରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେଥିରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରୀୟ ଶ୍ରମ ସଂଗଠନମାନେ ଦେଶର କଳକାରଖାନା, ଖଣି ଖାଦାନ,ସହରାଚଂଳ ଓ ଗ୍ରାମାଚଂଳର କୃଷକ ଏବଂ ଶ୍ରମିକମାନଙ୍କର ଜୀବନଜୀବିକା ପାଇଁ ଅନବରତ ସଂଗ୍ରାମ କରୁଥିବା ବେଳେ କେନ୍ଦ୍ରାପଡା ଭଳି ଶିଳ୍ପ ଓ ଖଣି ବିହୀନ ଜିଲ୍ଲାର ନିର୍ମାଣ ଶ୍ରମିକମାନଙ୍କ ସ୍ୱାର୍ଥ ହାସଲ ପାଇଁ କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନାମ ପଞ୍ଜିକରଣ ଓ ସହାୟତା ପ୍ରଦାନ ଭଳି କାର୍ଯ୍ୟ ପାଇଁ ସୁପାରିଶ କରିବା ସହିତ କାର୍ଯ୍ୟାଳୟ ସହିତ ସମନ୍ୱୟ ରକ୍ଷାକରି ପ୍ରତ୍ୟେକ କାର୍ଯ୍ୟରେ କେନ୍ଦ୍ରୀୟ ଶ୍ରମ ସଂଗଠନମାନେ କାର୍ଯ୍ୟ କରି ଆସୁଛନ୍ତି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ପ୍ରତ୍ୟେକ୍ଷ ସହ ଯୋଗରେ କେତେକ ସ୍ଥାନୀୟ ଦଲାଲ ସ୍ତ୍ରୀ,ପୁଅ,ଭାଇ ଓ ନିଜ ସମ୍ପର୍କୀୟଙ୍କ ନାମରେ ଭିନ୍ନ ଭିନ୍ନ ଶ୍ରମ ସଂଗଠନ ତିଆରି କରି ନୀରିହ ଗରୀବ ଶ୍ରମିକମାନଙ୍କ ଠାରୁ ଅର୍ଥ ଆଦାୟ କରି ବ୍ୟବସାୟ ଚଳାଇଛନ୍ତି ବୋଲି ଅଭିଯୋଗ କରାଯାଇଛି । ଫଳରେ କେନ୍ଦ୍ରୀୟ ଶ୍ରମ ସଂଗଠନମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ମାଣ ଶ୍ରମିକମାନଙ୍କ ନାମ ପଞ୍ଜିକରଣ ଓ ସହାୟତା ଦରଖାସ୍ତ ବର୍ଷ ବର୍ଷ ଧରି ପଡିରହିଥିବା ବେଳେ ଦଲାଲମାନଙ୍କ ଦ୍ୱାରା ଗଠିତ ବ୍ୟକ୍ତିଗତ ବ୍ୟବସାୟିକ ସଂଗଠନମାନଙ୍କ ଦ୍ୱାରା ସୁପାରିଶକୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଅଗ୍ରାଧିକାର ଦିଆଯାଉଛି ବୋଲି ଅଭିଯୋଗ ହୋଇଛି । ଫଳରେ କେନ୍ଦ୍ରୀୟ ଶ୍ରମ ସଂଗଠନମାନେ ଅବହେଳିତ ହୋଇ ରହିଛନ୍ତି । କେନ୍ଦ୍ରୀୟ ଶ୍ରମ ସଂଗଠନମାନେ ରାଜ୍ୟ,କେନ୍ଦ୍ର ସରକାର ଓ ଶ୍ରମିକ କଲ୍ୟାଣ ବୋର୍ଡ ନିକଟରେ ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ସଂଗ୍ରାମ କରୁଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଅବହେଳା ଓ ଅଣଦେଖାର ଶିକାର ହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ତେଣୁ ଏହିସବୁ ସମସ୍ୟା ଗୁଡିକର ଆଶୁ ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଓଡିଶା କୃଷି ଓ ଗ୍ରାମ୍ୟ ଶ୍ରମିକ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖା ସଭାପତି ବସନ୍ତ କୁମାର ସେଠୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି । ଏହି ଦାବିପତ୍ରର ନକଲ ଶ୍ରମ ସଚିବ, ଓଡିଶା ଶ୍ରମ କମିଶନର, ଶ୍ରମ ମନ୍ତ୍ରୀ, ଜିଲ୍ଲାପାଳ, ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ବିହୀତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯାଇଥିବା ସୂଚନା ଦିଆଯାଇଛି ।

# ତରାବୋଇରେ ପଚାଂୟତସ୍ତରୀୟ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ଜଟଣୀ: ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ ପଚାଂୟତର ତରାବୋଇ ଗ୍ରାମରେ ଶନିବାର ଏକ ପଚାଂୟତସ୍ତରୀୟ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ପଚାଂୟତ ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ତରାବୋଇ ପଚାଂୟତ ଏବଂ ରୋଟାରୀ କ୍ଲବ କଳିଙ୍ଗ (ଭୁବନେଶ୍ୱର)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି । ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେବା ସହିତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ତରାବୋଇ ସରପଚଂ ସକିରା ଅବରାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଗା ଶିବିରରେ ରୋଟାରୀ କ୍ଲବ କଳିଙ୍ଗ (ଭୁବନେଶ୍ୱର)ର ସଭାପତି ସଂଜୟ ଲାଲ୍ ବୋଷ, କର୍ନଲ ଖିତିଶ ଚନ୍ଦ୍ର ନାୟକ ଏବଂ ସମସ୍ତ କର୍ମକର୍ତା ଯୋଗ ଦେଇଥିଲେ । ରୋଟାରୀ କ୍ଲବ ପକ୍ଷରୁ କେୟାର ହସ୍ପିଟାଲ, ଆପୋଲୋ, ବ୍ଲୁ ହୁୟିଲ୍ ପ୍ରଭୃତି ହସ୍ପିଟାଲ୍ର ଡାକ୍ତର ଓ ନର୍ସ ମାନେ ଯୋଗଦେଇଥିଲେ । ଏଥିରେ ହୃଦ ରୋଗ, ସ୍ନାୟୁ ରୋଗ, ମଧୁମେହ, ଚର୍ମ ରୋଗ, ଶିଶୁ ରୋଗ, ଚକ୍ଷୁ, ଗଳା, ନାକ, କାନ ରୋଗ, ସ୍ତ୍ରୀ ଓ ପ୍ରସୂତି, ଅର୍ଥପେଡିକ୍ ଏହି କ୍ରମରେ ମୋଟ ୧୩୬୮ଜଣ ମହିଳା ପୁରୁଷ ଏବଂ ଶିଶୁମାନେ ଚିକିତ୍ସିତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ତରାବୋଇ ଅଂଚଳର ଉଦ୍ୟୋଗି ଯୁବକ ସକିଲ ଅହମଦ, ମିନକେତନ ଚଂପତି, ହାଲିମ୍ ମହମ୍ମଦ, ଅଶୋକ ଦାସ, କବି ସେଠୀ, ସାବିର ଅଲ୍ଲୀ ବେଗ୍, ଇନାମୁଲ ବାବୁ, ଶୁକାନ୍ତ, ମହମ୍ମଦ ସମିମ୍, କାର୍ତିକ ଗନିୟା, ଦିଲଦାର ଖାନ୍, ସମୀର ମହମ୍ମଦ, ଶ୍ରୀମନ୍ତ ମିଶ୍ର, ରଘୁନାଥ ମିଶ୍ର, କୃଷ୍ଣଚନ୍ଦ୍ର ବଳିୟାରସିଂହ ଓ ଅନ୍ୟମାନେ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ତରାବୋଇ ପଚାଂୟତ ରାଜ୍ୟ ସରକାରଙ୍କ ପିଠା ଯୋଜନାରେ ଖୋର୍ଦ୍ଧା ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ଏବଂ ଅଂଚଳବାସୀଙ୍କୁ ଚିକିତ୍ସା ସେବା ଯୋଗାଇ ଆଜି ମୁଖ୍ୟ ଅତିଥିଙ୍କ ଦ୍ୱାରା ସମର୍ଦ୍ଧିତ ହୋଇଥିଲା ।

# ଧାମରା ବନ୍ଦରରେ ଅଘଟଣ: ବିଦ୍ୟୁତ ସର୍ଟ ସର୍କିଟରେ ୩ ଗୁରୁତର, ୧ ମୃତ

ଭଦ୍ରକ, (ପିଏନ)- ଧାମରା ବନ୍ଦରରେ ପୁଣି ଏକ ଅଘଟଣ ଘଟି ଜଣେ ବିହାରୀ ନିବାସୀ ଜଣେ ଶ୍ରମିକର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ତେବେ ବିଦ୍ୟୁତ ସର୍ଟ ସର୍କିଟରେ ରାଜାରାମଙ୍କ ବ୍ୟତୀତ ୩ଜଣ ବାହାର ରାଜ୍ୟର ଶ୍ରମିକ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ । ସେମାନଙ୍କୁ କଟକ ପ୍ରାଇଭେଟ ନର୍ସିଂ ହୋମକୁ ସ୍ଥାନାନ୍ତରିତ କରାଯାଇଥିବା ଜଣା ଯାଇଛି । ଆଜି ସକାଳ ୬ଟା ସମୟରେ ଧାମରା ବନ୍ଦର ସାର ଗୋଦାମରେ ସାର ବସ୍ତା ସିଲେଇ କରି ଲୋଡ କରୁଥିବା ବିହାର ରାଜ୍ୟର ୪ଜଣ ଶ୍ରମିକ ବିଦ୍ୟୁତ ସର୍ଟସର୍କିଟରେ ଆହତ ହୋଇଥିଲେ ।

ପ୍ରାଥମିକ ଭାବରେ ସେମାନଙ୍କୁ ବନ୍ଦର କର୍ତୁପକ୍ଷ ନିଜ ମେଡିକାଲରେ ଚିକିତ୍ସା କରୁଥିବା ବେଳେ ସେମାନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସଙ୍ଗେ ସଙ୍ଗେ ରାଜାରାମ(୨୮) ଏବଂ ଜୟିରାମ(୩୦) କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା । କଟକରେ ରାଜାରାମର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବାର ଜଣାପଡିଛି । ପ୍ରତକ୍ଷ୍ୟଦର୍ଶୀଙ୍କ କହିବାନୁଯାୟୀ ସେମାନେ ବିଦ୍ୟୁତ ଆଘାତ ପାଇବା ପରେ ବନ୍ଦରର ବିଦ୍ୟୁତ ବିଭାଗରେ କାର୍ଯ୍ୟରତ କୌଣସି ଟେକନିସିଆନ ସେଠାରେ ପହଂଚି ନଥିଲେ । ଫଳରେ ୨ଜଣ ଶ୍ରମିକ ବିଦ୍ୟୁତ ଆଘାତ ପାଇ ବହୁ ସମୟ ଧରି ଛଟପଟ ହେଉଥିବାର ଦେଖାଯାଇଥିଲା । ପରେ ଏହି ଖବର ପ୍ରଶାସନ ପାଇବା ପରେ ବିଦ୍ୟୁତ ଲାଇନ କଟାଯାଇ ସେମାନଙ୍କୁ ଉଦ୍ଧାର କରାଯାଇଥିଲା ।

ଏହି ୨ଶ୍ରମିକଙ୍କ ହାତରେ ଆଘାତ ଲାଗି ସେମାନଙ୍କ ଅବସ୍ଥା ଗୁରୁତର ହୋଇଥିବା ଜଣା ଯାଇଛି ।ଅନ୍ୟ ୨ଜଣ ଶ୍ରମିକ ବୁଲବୁଲ(୩୫) ଏବଂ ହାଫିଜ(୩୨) ରାଜାରାମ ଏବଂ ଜୟିରାମକୁ ଉଦ୍ଧାର କରିବାକୁ ଯାଇ ବିଦ୍ୟୁତ ଆଘାତ ପାଇଥିଲେ ବୋଲି ଉକ୍ତ ସଂସ୍ଥାରେ କାର୍ଯ୍ୟକରୁଥିବା ଅନ୍ୟ ଶ୍ରମିକମାନଙ୍କ ବୟାନରୁ ଜଣାପଡିଛି । ଏହି ଘଟଣା ବାହାରେ ପ୍ରଚାର ହୋଇଯିବା ପରେ ବନ୍ଦର କର୍ତୁପକ୍ଷ ଉକ୍ତ ସଂସ୍ଥାର କାର୍ଯ୍ୟରତ ସମସ୍ତ ଶ୍ରମିକ ମାନଙ୍କୁ ସାର ଗୋଦାମରେ ଚାବି ପକାଇ ରଖିଥିଲେ । ପରେ ବିଏମଏସର କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଶେଖର ଜେନାଙ୍କ ହସ୍ତକ୍ଷେପ ପରେ ବନ୍ଦର କର୍ତୁପକ୍ଷ ସେମାନଙ୍କୁ ଛାଡିଥିଲେ । ଏହି ଘଟଣା ବାହାରେ ପ୍ରଚାର ହେବା ପରେ ଶ୍ରମିକ ମାନଙ୍କୁ ମଧ୍ୟରେ ଅଶାନ୍ତି ଦେଖା ଦେବା ସହ ବହୁ ଶ୍ରମିକ ବନ୍ଦର ମଧ୍ୟରେ କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ପରେ ଧାମରା ବିଏମଏସର ହସ୍ତକ୍ଷେପ ପରେ ଶ୍ରମିକ ମାନେ କାର୍ଯ୍ୟରେ ଯୋଗ ଦେଇଥିଲେ । ବନ୍ଦର କର୍ତୁପକ୍ଷ ସମସ୍ତ ସ୍ଥାନରେ ବିଦ୍ୟୁତ ସରଞ୍ଜାମ ଗୁଡିକୁ ଠିକ ଭାବରେ ତଦାରଖ କରୁ ନାହାନ୍ତି ବୋଲି ଭାରତୀୟ ମଜଦୁର ସଂଘର ଭଦ୍ରକ ଜିଲ୍ଲା ସହସଭାପତି ମନୋଜ ବସନ୍ତ ରାୟ ଅଭିଯୋଗ କରିଥିବାବେଳେ ଇନସ୍ପେକଟର ଅଫ ବ୍ରୟେଲର ଏବଂ ଫ୍ୟାକଟ୍ରିଜ ଏହି ସମସ୍ତ କାର୍ଯ୍ୟ ତଦାରଖ କରିବା ଜରୁରୀ ବୋଲି ବିଏମଏସର କାର୍ଯ୍ୟକାରୀ ସଭାପତି ଚନ୍ଦଶେଖର ଜେନା କହିଛନ୍ତି ।

ଆସନ୍ତା ଦିନରେ ଧାମରା ବନ୍ଦର କର୍ତୃପକ୍ଷ ଶ୍ରମିକମାନଙ୍କ ନିରାପତ୍ତାକୁ ଦୃଷ୍ଟି ନଦେଲେ ଆଗାମୀ ଦିନରେ ବିଏମଏସ ଏଭଳି ସମ୍ବେଦନଶୀଳ ଘଟଣାକୁ ଶ୍ରମ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଧାମରା ବନ୍ଦର ଗେଟ ଆଗରେ ପ୍ରତୀକ ଧର୍ମଘଟ କରିବ ବୋଲି ଚେତାବନୀ ଦେଇଛି ।

## ଶିରିଡିସାଇ ଟ୍ରଷ୍ଟ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ନୂଆପଡ଼ା, (ପିଏନ)- - ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଶିରିଡିସାଇ ଟ୍ରଷ୍ଟ ପକ୍ଷରୁ ସ୍ୱଚ୍ଛ ଭାରତ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସଫେଇ କରାଯାଇଛି । ଏନେଇ ମନ୍ଦିର ପ୍ରାଙ୍ଗଣରେ ମଇଳା ଆବର୍ଜନାକୁ ସଫେଇ କରାଯାଇ ଲୋକଙ୍କୁ ସଚେତନ କରିଥିଲେ । ଏହି ସଫେଇ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦକ ବିନୋଦ ବିହାରୀ ପାଢୀ, ବିକ୍ରମ କେଶରୀ ପଟ୍ଟନାୟକ, ଅମିତ କୁମାର ମିଶ୍ର, ସମୀର ପଟ୍ଟନାୟକ, ଖୁସିରାମ ନାଗ, ବିକାଶ ଶୁକ୍ଲା, ପ୍ରମୋଦ କୁମାର ଦଣ୍ଡସେନା ସମେତ ଟ୍ରଷ୍ଟର ଅନ୍ୟାନ୍ୟ ସଦସ୍ୟ ସାମିଲ ଥିଲେ

# ପଲିଥିନ ବିକ୍ରି ଓ ବ୍ୟବହାର ଉପରେ କଟକଣା କେବେ ?

ନୂଆପଡ଼ା, (ପିଏନ)- ସାରା ଦେଶରେ ପରିବେଶ ଓ ପରିମଳର ସୁଧାର ଆଣିବା ପାଇଁ କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନା କାର୍ଯ୍ୟକାରୀ କରି ପଲିଥିନ ଉପରେ କଟକଣା ଜାରୀ କଲେ । କିନ୍ତୁ ଏହି ଯୋଜନା ନୂଆପଡା ଜିଲ୍ଲାରେ କାର୍ଯ୍ୟକାରୀ ହେଲା ଭଳି ମନେ ହେଉନାହିଁ । ଏଠାରେ ପଲିଥିନର କଟକଣା ନଥିବା ବେଳେ ନାମକୁ ମାତ୍ର ପ୍ରଶାସନର ଚଢାଉ ଏବଂ ଜୋରିମାନା ପରେ ପଲିଥିନର ବ୍ୟବହାର ଯେମିତିକୁ ସେମିତି ରହିଛି । ଫଳରେ ଲୋକେ, ବ୍ୟବସାୟୀ ମାନେ ବିନା ଦ୍ୱିଧାରେ ପଲିଥିନର ବ୍ୟବହାର କରୁଥିବା ଦେଖିବାକୁ ମିଳିଛି ।

ଗତ ୨ ମାସ ପୂର୍ବେ ନୂଆପଡା ଜିଲ୍ଲା ପ୍ରଶାସନ ଓ ଏନ୍.ଏ.ସି କର୍ତୃପକ୍ଷରୁ ମିଳିତ ଭାବରେ ଜିଲ୍ଲାର ବିଭିନ୍ନ ସହରକୁ ପଲିଥିନ ମୁକ୍ତ କରିବା ପାଇଁ ଅଭିଯାନ କାର୍ଯ୍ୟକାରୀ କରାଯାଇ ଚଢାଉ କରାଯାଇଥିଲା । ହେଲେ ଏହି ଅଭିଯାନର ପ୍ରଭାବ ଟିକେ ମଧ୍ୟ ନୂଆପଡା ଜିଲ୍ଲାରେ ପଡୁନଥିବା ଦେଖାଦେଇଛି । ଜିଲ୍ଲାର ଖଡିଆଳ ସହର ସମେତ ଅନ୍ୟାନ୍ୟ ସହର ମାନଙ୍କରେ ପଲିଥିନର ବ୍ୟବହାର ଖୋଲାଖୋଲି ଭାବରେ କରାଯାଉଛି । ବିଶେଷ କରି ଏଠାରେ ଶହ ଶହ ସଂଖ୍ୟାରେ ପଲିଥିନର ବିକ୍ରୟ କରାଯାଉଥିବାବେଳେ ଗ୍ରାହକ ଯେକୌଣସି ସାମଗ୍ରୀ କିଣିଲେ ମଧ୍ୟ ତାଙ୍କୁ ପଲିଥିନ ଭିତରେ ପୁରାଇ ଦିଆଯାଉଥିବା ଦେଖିବାକୁ ମିଳୁଛି । ଫଳରେ ପଲିଥିନର ବିକ୍ରି ଓ ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଡାକ୍ତରୀ ମତ ଅନୁସାରେ ପଲିଥିନ ବ୍ୟବହାର ପରିବେଶ, ପରିମଳ ଓ ଜୀବଜନ୍ତୁଙ୍କ ପାଇଁ କ୍ଷତିକାରକ ଥିବା ବେଳେ ଏହା ସହରରେ ଥିବା ବିଜ୍ଞାପିତ ଅଂଚଳ ପରିଷଦ ଆଖି ବୁଜି ଦେଇ କାର୍ଯ୍ୟକାରୀ କରି ପାରୁନାହିଁ । ଫଳରେ ଲୋକଙ୍କ ବ୍ୟବହୃତ ପଲିଥିନ ସହର ମାନଙ୍କର ବିଭିନ୍ନ ପାର୍ଶ୍ୱ ମାନଙ୍କରେ ପଡିରହୁଛି । ଯାହାଦ୍ୱାରା ପରିବେଶ ଏକ ପ୍ରକାର ବିପର୍ଯ୍ୟସ୍ତ ଦେଖାଯାଉଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଲିଥିନର ବ୍ୟବହାର ଉପରେ କଟକଣା ଲାଗୁ କରିବା ପାଇଁ ସାଧାରଣରେ ଦାବୀ ହେଉଛି ।

## ପାର୍ଲେ 'ରୋଲ ଏ କୋଲା'ନୂତନ ରୂପରେ ବଜାର ପ୍ରବେଶ

ଭୁବନେଶ୍ୱର : ଭାରତର ପ୍ରମୁଖ ବିସ୍କୁଟ୍ ଏବଂ ମିଷ୍ଟାନ୍ନ ଦ୍ରବ୍ୟ ଉତ୍ପାଦନକାରୀ ବ୍ରାଣ୍ଡ ପାର୍ଲେ ନିଜର ଅତି ଲୋକପ୍ରିୟ ମିଷ୍ଟାନ୍ନ ଦ୍ରବ୍ୟ 'ରୋଲ ଏ କୋଲ'ର ପୁନଃଉପସ୍ଥାପନ କରିଛି । ଏହା ଦୁଇଟି ଭିନ୍ନ ଭିନ୍ନ ମୂଲ୍ୟ ୫/- ଓ ୨୦/- ଟଙ୍କାରେ ବଜାରରେ ଉପଲବ୍ଧ ହେବ । 'ରୋଲ ଏ କୋଲା' ଉତ୍ପାଦ ନିଜର ଭିନ୍ନ ସ୍ୱାଦ ନିମନ୍ତେ ବହୁ ଲୋକ ପ୍ରିୟ ଥିଲା କିନ୍ତୁ ୨୦୦୬ ମସିହାରେ ଏହାର ଉତ୍ପାଦନ ବନ୍ଦ ହୋଇଯାଇଥିଲା । କିନ୍ତୁ ୧୩ ବର୍ଷର ପରେ ଗ୍ରାହକ ମାନଙ୍କ ସୋସିଆଲ୍ ମିଡିଆ ଟୁଇଟର୍ ମାଧ୍ୟମରେ ନିଜର କୋଲା କ୍ୟାଣ୍ଡି ପୁନର୍ବାର ଆରମ୍ଭ କରିବାପାଇଁ ଅନୁରୋଧ କରିଥିଲେ । ଉତ୍ପାଦକ 'ରୋଲ ଏ କୋଲ'କୁ ପୁନର୍ବାର ବଜାରକୁ ଆଣିବା ନିମନ୍ତେ ୧୦ ହଜାରରୁ ଅଧିକ ରିଟୁଇଟ୍ର ଅବେଦନ କରିଥିଲେ ଏବଂ ଏହା ପ୍ରତିବଦଳରେ ଉପଭୋକ୍ତଙ୍କ ଦ୍ୱାରା 'ବ୍ରିଙ୍ଗରୋଲାକୋଲାବ୍ୟାକ୍' ଅଭିଯାନ ଆରମ୍ଭ ହେଲା ଓ ୭୧୧ରୁ ଅଧିକ ଗ୍ରାହକ ଏହାର ପୁନଃଉପସ୍ଥାପନ ନିମନ୍ତେ ଅନୁରୋଧ କରିଥିଲେ ।

ଏହି ଅବସରରେ ପାର୍ଲେ ପ୍ରଡକ୍ଟର, ସିନିୟର କାଟାଗୋରି ହେଡ୍ ମାର୍କେଟିଙ୍ଗ୍, ଶ୍ରୀଯୁକ୍ତ କ୍ରିଷ୍ଣାରାଓ ଏସ୍ ବୁଦ୍ଧ କହିଛନ୍ତି ଯେ,"ଆମେ ଗ୍ରାହକ ମାନଙ୍କ ଚାହିଦାକୁ ନଜରରେ ରଖି ରୋଲ କୋଲା କ୍ୟାଣ୍ଡିକୁ ବଜାରରେ ଉପଲବ୍ଧ କରିବାର ଲକ୍ଷ ରଖିଛୁ । ବର୍ତ୍ତମାନ ସୋସିଆଲ୍ ମିଡିଆ ଏକ ବଡ଼ ମଞ୍ଚ ଲୋକଙ୍କ ଚାହିଦା ସମ୍ବନ୍ଧରେ ଜାଣିବାର ପୂର୍ବରୁ ଏଭଳି କିଛି ସୁବିଧା ନଥିଲା କିନ୍ତୁ ବର୍ତ୍ତମାନ ଏହା ମାଧ୍ୟମରେ ଗ୍ରାହକ ମାନେ ସହଜରେ ନିଜ ମତ ଆମ ନିକଟରେ ରଖିପାରିଛନ୍ତି । କମ୍ପାନୀ ପକ୍ଷରୁ ଆଶା କରାଯାଉଛି ଯେ ଗ୍ରାହକ ମାନଙ୍କ ଏହାପ୍ରତି ଚାହିଦା ଆହୁରୀ ମଧ୍ୟ ବଢିବ ।"

## ପ୍ଲେଗୋର ଏନ୍୨୩ ୱାଏରଲେସ୍ ନେକ୍ବ୍ୟାଣ୍ଡର ମୂଲ୍ୟ ମାତ୍ର ୧୭୯୯/- ଟଙ୍କା

ଭୁବନେଶ୍ୱର : ଦିଲ୍ଲୀ ସ୍ଥିତ ସ୍ମାଟ୍ ୱାଏରବୁଲ୍ ଓ ଅଡିଓ ବୈଶିଷ୍ଟ ବିଶିଷ୍ଟ କମ୍ପାନୀ ପ୍ଲେ ନିଜର ଦୁଇଟି ଉତ୍ପଦ - ପ୍ଲେଫିଟ୍ ଏବଂ ପ୍ଲେଗୋଓ ବଜାରରେ ଉପସ୍ଥାପନ କରିଛି । ପ୍ଲେଗୋ ଶୃଙ୍ଖଳା ଅନ୍ତର୍ଗତ ସେ ନିଜର ନୂତନ ଏନ୍୨୩ ୱାଏରଲେସ୍ ନେକ୍ବ୍ୟାଣ୍ଡ ବଜାରରେ ଉପସ୍ଥାପନ କରିଛି । ପ୍ଲେଗୋର ଏନ୍୨୩ ୱାଏରଲେସ୍ ନେକ୍ବ୍ୟାଣ୍ଡ ଗୁଡିକୁ ଗ୍ରାହକ ମାନେ ଆମାଜାନରେ ଅତି ସହଜରେ ପାଇପାରିବେ ।

ଏନ୍୨୩ ବ୍ୟବହାରରେ ବହୁତ ସହଜ ନେକ୍ବ୍ୟାଣ୍ଡ ଅଟେ ଯେଉଁଥିରେ ସିରି, ଗୁଗୁଲ୍ ଆସିସ୍ଟାଣ୍ଟ ଏବଂ ଆଲେକ୍ସା ନିମନ୍ତେ ଇଣ୍ଟିଗ୍ରେଟେଡ୍ ଶବ୍ଦ ଏପିକେ ରହିଛି । ଏନ୍୨୩ର ଓଜନ ମାତ୍ର ୨୮ ଗ୍ରାମ୍ ଯାହା ୨୦ଘଣ୍ଟା ପର୍ଯ୍ୟନ୍ତ ପ୍ଲେଟାଇମ୍ ପ୍ରଦାନ କରିଥାଏ । ଏହାକୁ ଗ୍ରାହକ ମାନେ ଆମାଜାନ୍ରେ ପାଇପାରିବା ସହ ଏହାର ମୂଲ୍ୟ ମାତ୍ର ୧୭୯୯/- ଟଙ୍କା ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ପ୍ଲେର ଫାଉଣ୍ଡର ଓ ମୁଖ୍ୟ କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସନ୍ଦିପ ବଙ୍ଗା କହିଛନ୍ତି ଯେ, ''ଭାରତରେ ଆମେ ଆମର ପ୍ଲେ ଏହି ନୂତନ ଉତ୍ପାଦ ଉପସ୍ଥାପନ କରିଥିବାରୁ ଆମେ ବହୁତ ଉତ୍ସାହିତ । ଗ୍ରାହକଙ୍କ ବଢୁଥିବା ଚାହିଦାକୁ ନଜରରେ ରଖି ଆମେ ଏହି ନୂତନ ସ୍ମାଟ୍ ୱେରେବୁଲ୍ ଓ ଅଡିଓ ସାମଗ୍ରୀ ମାନ ଉପସ୍ଥାପନ କରିଛୁ । ଆଶା କରୁଛୁ ଯେ ଗ୍ରାହକ ଏହାକୁ ଗ୍ରାହକ କରିବା ସହ ଏହାର ଚାହିଦା ମଧ ଭାରତ ବଜାରେ ବହୁ ଅଧିକ ହେବ ।''

# ପୌରାଞ୍ଚଳର ୧୫୨ ନୂତନ ହିତାଧିକାରୀଙ୍କୁ ଭତ୍ତା ବାଂଟିଲେ ବିଧାୟକ



କେନ୍ଦ୍ରାପଡା (ପିଏନ)- କେନ୍ଦ୍ରାପଡା ପୌରାଚଂଳର ନୂତନ ହିତାଧିକାରୀଙ୍କୁ ଶନିବାର ଅପରାହ୍ନରେ ଭତ୍ତା ବଂଟନ କରାଯାଇଛି । ଏହି ଉପଲକ୍ଷେ ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଟାଉନହଲ ପରିସରରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁ ପେନସନ ଯୋଜନାରେ ୧୫୨ ଜଣ ବୃଦ୍ଧ,ବିଧବା ଓ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ନୂତନ ଭତ୍ତା ବଂଟନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସ ଯୋଗୁଁ ଆଜି ମହିଳା ଶସକ୍ତିକରଣ ସମ୍ଭବ ହେବା ସହିତ ହଜାର ହଜାର ସଂଖ୍ୟାରେ ମହିଳାମାନେ ଘରୁ ପଦାକୁ ବାହାରି ସେମାନଙ୍କ ପରିବାରର ଆର୍ଥିକ ଅଗ୍ରଗତିରେ ସାମିଲ ହୋଇପାରିଛନ୍ତି ବୋଲି ବକ୍ତବ୍ୟ ରଖିଥିଲେ । ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ଯୋଗଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥିଲା ଯେ ଭତ୍ତା ପାଇବାରୁ ଯେଭଳି କେହି ବଂଚିତ ନହୁଅନ୍ତି । ଆଜି ସେହି ନିର୍ଦ୍ଦେଶର କାର୍ଯ୍ୟକାରିତା କରାଯାଇ ବୃଦ୍ଧ,ବୃଦ୍ଧା ଓ ଅସହାୟମାନଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀ ବଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଓଡିଶାର ସର୍ବପୁରାତନ ପୌରସଂସ୍ଥା କେନ୍ଦ୍ରାପଡା ସହରକୁ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରିବାକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଗୁଡିକର ସାହାଯ୍ୟକୁ ପ୍ରସଂଶା କରିବା ସହିତ ଏ ଦିଗରେ ସମସ୍ତ ସହରବାସୀଙ୍କ ଆକୁଣ୍ଠ ସହଯୋଗ କାମନା କରିଥିଲେ । ଏହି ଅବସରରେ ୧୬ନମ୍ବର ୱାର୍ଡର ଭିନ୍ନକ୍ଷମ ମହିଳା ସାଇରା ବିବିଙ୍କୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ବେହେରା ନୂତନ ଟ୍ରାଇସାଇକେଲ ପ୍ରଦାନ କରିବା ସହ, ୧୮୬୦ମସିହାର ସୋସାଇଟି ପଞ୍ଜିକରଣ ଆଇନ ଅନୁଯାଇ ପଞ୍ଜିକୃତ ହୋଇଥିବା ୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ପ୍ରତିନିଧିଙ୍କୁ ପଞ୍ଜିକରଣ ପ୍ରମାଣପତ୍ର ଓ ୧୫୨ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଂଟନ କରିଥିଲେ । ଏଥି ସହିତ ପୌରାଚଂଳର ୧ନମ୍ବର ୱାର୍ଡ ଅନ୍ତର୍ଗତ ବେଙ୍ଗପାଟିଆ ଠାରେ ତିନିମୁହାଣି - ଅଙ୍ଗୁଳେଇ ରାସ୍ତା ଉପରେ ନବ ନିର୍ମିତ ଏକ ସ୍ୱାଗତ ତୋରଣକୁ ମଧ୍ୟ ବିଧାୟକ ଶ୍ରୀ ବେହେରା ଉଦଘାଟନ କରିଥିଲେ । ପୌରସଂସ୍ଥା କର୍ମଚାରୀ ଅଶୋକ କୁମାର ସାହୁ ମଂଚ ପରିଚାଳନା କରିଥିବା ବେଳେ ଗଣେଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ପୂର୍ବତନ ପୌରାଧ୍ୟକ୍ଷ ଧିରେନ ସାହୁ, ପୂର୍ବତନ କାଉନସିଲର କାଳି ପ୍ରସାଦ ମିଶ୍ର, ହିରଣ୍ୟ ପଣ୍ଡା, ରଞ୍ଜିତ ସାହୁ, ଶକ୍ତିକାନ୍ତ ପାତ୍ର, ଦେବଦାସ ମହାନ୍ତି, ନାରଣ ସାହୁ, ସଞ୍ଜୟ କୁମାର ଜେନା, ଧିରେନ୍ଦ୍ର କୁମାର ଦାସ, ବିଜୟ ପତି, ଦୁର୍ଗା ପତି ପ୍ରମୁଖ ଉପସ୍ଥିତ ଥିଲେ ।

# ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଶଯ୍ୟା ଗୃହର ଭୂମିପୂଜା



ଯୋଡା, (ପିଏନ୍):ଯୋଡା ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗତକାଲି ଅପରାହ୍ନ ସାଢେ ୨ଟା ସମୟରେ ଜେ.ଏସ.ଡବ୍ଲ୍ୟୁ ପକ୍ଷରୁ ନିର୍ମାଣ ହେବାକୁ ଥିବା ଏକ ୨୦ରୋଗୀଶଯ୍ୟା ଗୃହର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୂର୍ମୁ, ସମ୍ମାନୀତ ଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗଦେଇଥିଲେ ।ଏହାକୁ ଜେ.ଏସ.ଡବ୍ଲ୍ୟୁ କମ୍ପାନୀର ଅଧିକାରୀ ଏନ.ଡି. ରାଓ, ଜେମସ୍ ଜୋନ, କେ.ସି.ଶ୍ରୀବାସ୍ତବ ଓ କେଦାରନାଥ ଶର୍ମା ଉପସ୍ଥିତ ରହି ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମପଂଚାୟତର ସରପଂଚ, ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରୀତିଶ ମହାନ୍ତ ସ୍ୱାସ୍ଥ୍ୟକର୍ମଚାରୀ ଓ ଜନସାଧାରଣ ମାନେ ଉପସ୍ଥିତ ଥିଲେ ।

# ଟାଟା ମୋଟର୍ସ ର ଦେଶବ୍ୟାପି ଗ୍ରାହକ ସମ୍ବାଦ କାର୍ଯ୍ୟକ୍ରମ ଓ ସେବା ଅଭିଯାନ ଘୋଷଣା

ଭୁବନେଶ୍ୱର-ଭାରତର ସର୍ବବୃହତ ବାଣିଜ୍ୟିକ ବାହନ ନିର୍ମାତା ଟାଟା ମୋଟର୍ସ ପକ୍ଷରୁ ଅକ୍ଟୋବର ୧୦ ରୁ ଅକ୍ଟୋବର ୨୧ ପର୍ଯ୍ୟନ୍ତ ବାଣିଜ୍ୟିକ ବାହନ ଗ୍ରାହକ ମାନଙ୍କ ପାଇଁ ଗ୍ରାହକ ସମ୍ବାଦ ଅଭିଯାନ କରାଯିବ । ଏହି ଅବଧି ମଧ୍ୟରେ ଟାଟା ମୋଟର୍ସ କର୍ମଚାରୀ ମାନେ ଗ୍ରାହକ ଓ ଗାଡି ମାଲିକ ମାନଙ୍କ ସହ ସମ୍ପର୍କ କରି ଉନ୍ନତ ଗ୍ରାହକ ଅନୁଭୁତି ପାଇଁ କମ୍ପାନୀ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସୁଚନା ଦେବେ ।

ଗ୍ରାହକ ସମ୍ବାଦ ପଶ୍ଚାତ ଅକ୍ଟୋବର ୨୩ ରେ ରାଷ୍ଟ୍ରୀୟ ଗ୍ରାହକ ସେବା ଦିବସ ପାଳନ କରାଯିବ । ଟାଟା ମୋଟର୍ସ ର ସିଭିବିୟୁ ଡିଭିଜନ ଏହାର ପ୍ରଥମ ଗ୍ରାହକ ଙ୍କ ସମ୍ମାନରେ ଏହି ଦିବସକୁ ପ୍ରତିବର୍ଷ କରିଥାନ୍ତି । ଉଲ୍ଲେଖଯୋଗ୍ୟ ଯେ ୧୯୫୪ ମସିହା ଅକ୍ଟୋବର ୨୩ ତାରିଖରେ ଜାମ୍ଶେଦପୁର କାରଖାନାରୁ ପ୍ରଥମ ଟ୍ରକ ବାହାରିଥିଲା । ଏହି ଦିବସରେ ସହଯୋଗୀ ଷ୍ଟାଫ ଓ ଗ୍ରାହକ ମାନଙ୍କୁ ସେମାନଙ୍କର ଦୀର୍ଘ ସମ୍ପର୍କ ଓ ଯୋଗଦାନ ପାଇଁ ସମ୍ମାନୀତ କରାଯାଏ ।ଟାଟା ମୋଟର୍ସ ବାଣିଜ୍ୟିକ ବାହନ ମାଲିକ ମାନଙ୍କ ପାଇଁ ଦେଶବ୍ୟାପି ମାଗଣା ସର୍ଭିସ କ୍ୟାମ୍ପ ଗ୍ରାହକ ସେବା ମହୋତ୍ସବ ଆୟୋଜନ କରାଯିବାର ଅଛି । ଏହି ଅନନ୍ୟ ଗ୍ରାହକ କେନ୍ଦ୍ରିତ ଯୋଜନା ୧୫୦୦ ରୁ ଊର୍ଦ୍ଧ୍ୱ ଟାଟା ମୋଟର୍ସ ଅଥରାଇଜଡ ୱାର୍କସପ ଠାରେ ଚଳିତବର୍ଷ ନଭେମ୍ବର ୪ ତାରିଖରୁ ନଭେମ୍ବର ୧୧ ତାରିଖ ମଧ୍ୟରେ ଆୟୋଜିତ ହେବ । ଏଠାରେ ବାଣିଜ୍ୟିକ ବାହନ ମାଲିକ ମାନେ ଆକର୍ଷଣୀୟ ରିହାତି ପାଇପାରିବେ । ଗତବର୍ଷ ଗ୍ରାହକ ସେବା ମହୋତ୍ସବ ରେ ୧.୫ ଲକ୍ଷ ଗ୍ରାହକ ଯୋଗ ଦେଇଥିଲେ। ଏହି ଅବସରରେ ଟାଟା ମୋଟର୍ସ ଲିଃ ର ଗ୍ଲୋବାଲ ହେଡ୍, କଷ୍ଟମର କେୟାର, କମର୍ସିଆଲ ଭେହିକଲ ବିଜିନେସ ୟୁନିଟ, ଶ୍ରୀ ରାମକି ରାମମକ୍ରିଷ୍ଣନ କହିଛନ୍ତି, ଦେଶର ଅର୍ଥବ୍ୟବସ୍ଥା କୁ ଗତିଶୀଳ ରଖିବାରେ ଟ୍ରକ ଉଦ୍ୟୋଗ ଏକ ପ୍ରମୁଖ ଭୁମିକା ନେଇଥାଏ । ସର୍ବବୃହତ ବାଣିଜ୍ୟିକ ବାହନ ବ୍ରାଣ୍ଡ ଭାବରେ ଆମର ଦୟୀତ୍ୱ ଗ୍ରାହକ ମାନଙ୍କୁ ଉଚ୍ଚ ଗୁଣବତା ଉତ୍ପାଦ ଓ ବାଧାହୀନ ଅନୁଭବ ପ୍ରଦାନ କରିବ । ଗ୍ରାହକ ସମ୍ବାଦ ଯୋଜନା ଏବଂ ଗ୍ରାହକ ସେବା ମହୋତ୍ସବ ବାଣିଜ୍ୟିକ ବାହନ ଗ୍ରାହକ ଗାଡି ମାଲିକ ମାନଙ୍କ ପାଇଁ ଏକ ଅପୁର୍ବ ସୁଯୋଗ । ସମ୍ପୁର୍ଣ୍ଣ ସେବା ପରି ଅନ୍ୟାନ୍ୟ ପ୍ରୟାସ ମାଧ୍ୟମରେ ଉତ୍କୃଷ୍ଟ ଗ୍ରାହକ ସେବା ଓ ସୁବିଧା ସମସ୍ତ ନେଟୱାର୍କ ସାଥି ମାନଙ୍କ ପାଇଁ ଉପଲବ୍ଧ କରାଯିବ ।

କମ୍ପାନୀର ଲକ୍ଷ ଗ୍ରାହକଙ୍କୁ ସନ୍ତୁଷ୍ଟି ବାହନର ଜୀବନଚକ୍ର ସାରା ଅବିରତ ପ୍ରାପ୍ତ କରିବା । ଏଥିପାଇଁ ଟାଟା ମୋଟର୍ସ ପକ୍ଷରୁ ଗାଡିର ରକ୍ଷଣାବେକ୍ଷଣ ନିମନ୍ତେ ନୂତନ ସମ୍ପୁର୍ଣ୍ଣ ସେବା ୨.୦ ଆରମ୍ଭ କରାଯାଇଛି । ଏଥିରେ ବିକ୍ରି ପରବର୍ତୀ ସର୍ଭୀସ ଯଥା ରକ୍ଷଣାବେକ୍ଷଣ, ମରାମତି, ହାଇୱେ ସହୟତା ଏବଂ ଅନ୍ୟାନ୍ୟ ସେବା ପାଇଁ ଟାଟା ମୋଟର୍ସ ଅଥରାଇଜଡ୍ ସର୍ଭିସ ଷ୍ଟେସନ (ଟିଏଏସଏସ) ମାଧ୍ୟମରେ ମାଗଣାରେ ଯୋଗାଇ ଦିଆଯିବ ।




# ଆସିଅଛି ପିତୃପକ୍ଷ କରୁଛି ତର୍ପଣ...



'ଆସିଅଛି ପିତୃପକ୍ଷ କରୁଛି ତର୍ପଣ, ମନ୍ତ୍ରପାଠ ତିଳୋଦକେ କରେ ସମର୍ପଣ। ପିତୃପିତାମହଗଣ ବୈଦିକ ବିଧାନେ, ଦେବଗଣେ ଋଷିଗଣେ ପୂଜେଁ ଜଳଦାନେ।' ଉତ୍କଳମଣି ଗୋପବନ୍ଧୁ ଦାସ ତାଙ୍କର ପିତୃପକ୍ଷ ତର୍ପଣ ନାମକ କବିତାରେ ମହାଳୟାର ବର୍ଣ୍ଣନା କରି ଏହାକୁ ଲେଖିଛନ୍ତି। ଓଡ଼ିଆ ଚିନ୍ତା ଓ ଚେତନାରେ ମହାଳୟା ହେଉଛି ଏକ ବୈଦିକ ପର୍ବ। ମହାଳୟା ଅମାବାସ୍ୟା ଆଶ୍ୱିନ ଆମାବାସ୍ୟାରେ ପଡ଼ିଥାଏ। ଶ୍ରାଦ୍ଧ ପରି ହିନ୍ଦୁ ଆଚାର ଓ ବିଚାରର ଏକ ମୌଳିକ ଅନୁଷ୍ଠାନ ଏହି କୃଷ୍ଣପକ୍ଷରେ ସମାପିତ ହୋଇଥାଏ। ବ୍ରାହ୍ମଣମାନଙ୍କ କ୍ଷେତ୍ରରେ ଏହା ଅତି ନିଷ୍ଠାପର ଭାବେ ପାଳନ କରାଯାଉଥିବାବେଳେ ସାଧାରଣରେ ପରଲୋକଗତ ପୂର୍ବଜଙ୍କୁ ମହାଳୟାରେ ଶ୍ରାଦ୍ଧ ସମର୍ପଣ ହୋଇଥାଏ। ସାଧାରଣ ଜୀବନରେ ଜଣେ ପ୍ରତିଦିନ, ଦାନଧର୍ମ ଓ ତର୍ପଣ କରିବାର ନିୟମ ରହିଛି। ପିତୃମାତୃକୁଳ ତୃପ୍ତ ହେଲେ ସର୍ବ ଦେବତାଙ୍କର ସନ୍ତୋଷ ମିଳିଥାଏ। ଯାହାକୁ ଶାସ୍ତ୍ର ବେଶ୍ ସୁନ୍ଦର ଭାବରେ ଲେଖିଛି – 'ପିତା ଧର୍ମଃ, ପିତା ସ୍ୱର୍ଗଃ ପିତାହି ପରମନ୍ତପଃ, ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ'। ହିନ୍ଦୁ ବିଚାରରେ ଶ୍ରାଦ୍ଧ ତର୍ପଣ ଜରିଆରେ ଜଣେ ତାର ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥାଏ। ଧର୍ମଶାସ୍ତ୍ରରେ ଲେଖାଅଛି ଶ୍ରାଦ୍ଧ ହିଁ ପିତୃପର୍ବ। 'ଶ୍ରଦ୍ଧୟା ଅନ୍ନାଦେର୍ଦାନମ୍' ଅର୍ଥାତ୍ ଶ୍ରଦ୍ଧାରେ ଯେଉଁ ଅନ୍ନାଦି ଭୋଜ୍ୟ ଦ୍ରବ୍ୟ ଦାନ କରାଯାଏ ତାହାହିଁ ଶ୍ରାଦ୍ଧ। ଧର୍ମଶାସ୍ତ୍ରରେ ମୁଖ୍ୟତଃ ଛୟାନବେ ପ୍ରକାର ଶ୍ରାଦ୍ଧ ପାଳନର ବିଧି ଉଲ୍ଲେଖ ରହିଛି। 'ଅମାଯୁଗମନୁକ୍ରାନ୍ତି ଧୃତିପାତ ମହାଳୟାଃ, ଆନ୍ୱଷ୍ଟକ୍ୟଂ ଚ ପୂର୍ବେଦ୍ୟୁଃ ଷଣ୍ଣବତ୍ୟ ପ୍ରକୀର୍ତ୍ତିତାଃ।' ଏଥିରୁ ଜଣାଯାଏ ଯେ ହିନ୍ଦୁ ସମାଜରେ ଷୋହଳ ପ୍ରକାର ଅମାବାସ୍ୟା ଶ୍ରାଦ୍ଧ, ଚାରିପ୍ରକାର ଯୁଗ ଶ୍ରାଦ୍ଧ, ଚଉଦ ପ୍ରକାର ମନୁ ଶ୍ରାଦ୍ଧ, ବାର ପ୍ରକାର ସଂକ୍ରାନ୍ତି ଶ୍ରାଦ୍ଧ, ତେର ପ୍ରକାର ଯୋଗ ଶ୍ରାଦ୍ଧ, ଚାରି ପ୍ରକାର ଅଷ୍ଟକା ଶ୍ରାଦ୍ଧ ଓ ଚାରି ପ୍ରକାର ଅନ୍ୱଷ୍ଟକା ଶ୍ରାଦ୍ଧ ଏବଂ ଷୋହଳ ପ୍ରକାର ମହାଳୟ ଶ୍ରାଦ୍ଧ ପ୍ରଚଳିତ ଥିଲା। କେବଳ ପିତୃମାତୃଗଣଙ୍କ ମୃତ୍ୟୁବାର୍ଷିକୀ ବା ମୃତ୍ୟୁ ଦିବସରେ ଶ୍ରାଦ୍ଧ ଦିଆଯାଏ ବୋଲି ସାଧାରଣତଃ ଧାରଣା ରହିଛି। କିନ୍ତୁ ଧର୍ମଶାସ୍ତ୍ରରେ 'ଶ୍ରାଦ୍ଧ' ଶବ୍ଦଟି ଅତୀବ ବ୍ୟାପକ ଅର୍ଥରେ ବ୍ୟବହାର କରାଯାଇଥିବାର ଦେଖାଯାଏ। ତଦନୁଯାୟୀ ଯେ କୌଣସି ଶୁଭଦିନ ବା ଶୁଭକାର୍ଯ୍ୟ ଅନୁଷ୍ଠାନରେ ପିତୃଗଣଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଇଥାଏ। ହିନ୍ଦୁ ସମାଜରେ ନିତ୍ୟ, ନୈମିତ୍ତିକ, କାମ୍ୟ, ବୃଦ୍ଧି ଓ ପାର୍ବଣ ଶ୍ରାଦ୍ଧ ନାମରେ ଯେଉଁ ପଞ୍ଚବିଧି ଶ୍ରାଦ୍ଧର ପ୍ରଚଳନ ଅଛି ତନ୍ମଧ୍ୟରେ ମହାଳୟ ଶ୍ରାଦ୍ଧର ଅଧିକ ଆଦର ରହିଛି। ଆତ୍ମା ବୈଜାୟତେ ପୁତ୍ରଃ – ଅର୍ଥାତ୍ ପୁତ୍ରଠାରେ ହିଁ ପିତାର ଆତ୍ମା ନିହିତ। ପୁତ୍ର ହିଁ ମୁଖ୍ୟତଃ ଶ୍ରାଦ୍ଧର କର୍ତ୍ତା। ପୁତ୍ର ନାମକ ନରକରୁ ଉଦ୍ଧାର କରୁଥିବାରୁ ପୁତ୍ରର ସୃଷ୍ଟି। ପୁତ୍ର ଓ ପୁତ୍ର ସ୍ଥାନୀୟ ପୌତ୍ର ଓ ପ୍ରପୌତ୍ରମାନେ ଶ୍ରାଦ୍ଧ ଅନୁଷ୍ଠାନ ଦ୍ୱାରା ପିତୃଗଣଙ୍କୁ ପରିତୃପ୍ତି କରିଥାନ୍ତି। ଶ୍ରାଦ୍ଧ ଦ୍ୱାରା ହିଁ ସ୍ୱର୍ଗତ ପିତୃଗଣଙ୍କ ଆତ୍ମା ଶାନ୍ତିଲାଭ କରେ। ପିତୃଗଣଙ୍କ ସନ୍ତୋଷରେ ହିଁ ଦେବଗଣ ସନ୍ତୁଷ୍ଟ ହୋଇଥାନ୍ତି। କିନ୍ତୁ ପ୍ରଶ୍ନ ହୁଏ-ଶ୍ରାଦ୍ଧରେ ଅର୍ପିତ ଭୋଜ୍ୟ ବା ଉତ୍ସର୍ଗୀକୃତ ଦ୍ରବ୍ୟ ପ୍ରକୃତରେ ପିତୃଗଣ ଗ୍ରହଣ କରିଥାନ୍ତି କି ? ଏହାର ଉତ୍ତର ସ୍ୱରୂପ ଶାସ୍ତ୍ରରେ କୁହାଯାଇଛି-'ଯଥା ଗୋଷ୍ଠୁ ପ୍ରନଷ୍ଟାସୁ ବତ୍ସୋ ବିନ୍ଦତି ମାତରମ୍। ତଥା ଶ୍ରଦ୍ଧେଷୁ ଦତ୍ତାନଂ ମନ୍ତ୍ରଃ ପ୍ରାପୟତେ ତୁ ତମ୍।।' ପ୍ରତିପଦ୍‌ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ କରିବ। ପରେ ଅମାବାସ୍ୟା ଦିନ ପିଣ୍ଡଦାନ କରାଯାଏ। ସୂର୍ଯ୍ୟ କନ୍ୟା ରାଶିରେ ଥିବା ସମୟରେ ଯେଉଁ ଅମାବାସ୍ୟା ପଡ଼େ ତାହା ମହାଳୟା ଅମାବାସ୍ୟା ନାମରେ କଥିତ। ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧକୁ ମହାଳୟ ଶ୍ରାଦ୍ଧ, ସାମ୍ବତ୍ସରିକ ଶ୍ରାଦ୍ଧ ବା ପାର୍ବଣ ଶ୍ରାଦ୍ଧ କୁହାଯାଏ। ଧର୍ମଶାସ୍ତ୍ରରେ ଉଲ୍ଲେଖ ଅନୁସାରେ ଗୟା ତୀର୍ଥ ପିଣ୍ଡଦାନ ଲାଗି ପ୍ରଶସ୍ତ କ୍ଷେତ୍ର। ମହାଳୟା ଦିନ ଗୟା କ୍ଷେତ୍ରରେ ପିଣ୍ଡଦାନ କରାଗଲେ ପିତୃଲୋକ ପରିତୃପ୍ତ ହୁଅନ୍ତି। ଉତ୍କଳୀୟ ପୁରାଣ ଓ ଧର୍ମଶାସ୍ତ୍ରରେ ଯାଜପୁରକୁ 'ନାଭୀ କ୍ଷେତ୍ର' ଓ ଭୁବନେଶ୍ୱରସ୍ଥିତ ସୂକ୍ଷ୍ମେଶ୍ୱର ପୀଠକୁ ପାଦ ପୀଠରୂପେ ବର୍ଣ୍ଣନା କରାଯାଇଛି। ସେହି ଦୃଷ୍ଟିରୁ ଏହି ଦୁଇ ପୀଠରେ ଶତ ଶତ ଉତ୍କଳୀୟ ମହାଳୟା ଦିନ ପିଣ୍ଡଦାନ କରନ୍ତି 'ତତ୍ରଶ୍ରୀ ବିରଜା କ୍ଷେତ୍ରେ ଦେବ୍ୟା ଈଶାନକୋଣତଃ। ଗୟାର୍ନାଭୀ ମହାପୁଣ୍ୟଃ ପିତୃଣାଂ ମୁକ୍ତିଦାୟକଃ।। ତତ୍ର ପିଣ୍ଡଂ ପ୍ରୟଚ୍ଛନ୍ତି ନରା ଯେ ବୀତକଲ୍ମଷାଃ। ପିତୃନୁଦ୍ଧୃତ୍ୟ ନରକାତ୍ ତେ ବ୍ରଜନ୍ତି ପଦଂ ହରେଃ।। ମହାଳୟାରେ ଯେଉଁ ଶ୍ରାଦ୍ଧ ତର୍ପଣ କରାଯାଏ ସେଥିରେ ବୈଷ୍ଣୋ ଦେବଙ୍କ ଆହ୍ୱାନ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୁଏ। ବିଷ୍ଣୁଙ୍କ ସମ୍ମୁଖରେ ଶ୍ରାଦ୍ଧ ଅର୍ପଣ କରାଯାଉଥିବାରୁ ସ୍ୱୟଂ ବିଷ୍ଣୁ ବୈଷ୍ଣୋ ଦେବ ରୂପେ ଶ୍ରାଦ୍ଧସ୍ଥଳରେ ପୂଜିତ ହୁଅନ୍ତି। ମହାଳୟା ପ୍ରତିଟି ଓଡ଼ିଆଙ୍କ ଚିନ୍ତା ଚେତନାରେ ନିଜ ପୂର୍ବଜ, ପୂର୍ବସୁରୀ ମାନଙ୍କ ପ୍ରତି ଶ୍ରଦ୍ଧା ନିବେଦନର ନିରାନନ୍ଦ ସ୍ମରଣୀୟ ଦିବସ ଭାବେ ପରିଚିତ।



**ନାଟ୍ୟସାରଥି ଅଭୟ କୁମାର ଦାସ,**
**ଗୋତରା, ମାହାଙ୍ଗା, କଟକ, ଦୂରଭାଷ: ୯୪୩୭୧୪୨୭୧୭**

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ମହୋତ୍ସବ ଅକ୍ଟୋବର ୨୮ ଓ ୨୯ ତାରିଖରେ

କଟକ (ପିଏନ୍): ସମାଜରେ ଧର୍ମ ଓ ଆଦର୍ଶର ପ୍ରତିଷ୍ଠା ଉପଲକ୍ଷେ ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର ଚର୍ଯ୍ୟାଶ୍ରମ ଓ ଜଳସୋହରିଆ ପାନଅଡ଼ତ୍ ବନ୍ଧୁମାନଙ୍କ ସୌଜନ୍ୟରେ ଆସନ୍ତା ଅକ୍ଟୋବର ୨୮ ଓ ୨୯ ତାରିଖରେ ଜଳସୋହରିଆ ପାନ୍‌ଅଡ଼ତ୍ ପରିସରରେ ୨୩ତମ ସତ୍ତା ସମ୍ବର୍ଦ୍ଧନୀ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଅଛି। ପ୍ରତ୍ୟୁଷରୁ ଜାଗରଣୀ ନହବତ, ପ୍ରଭାତ ଫେରି, ସଂକୀର୍ତ୍ତନ, ଶ୍ରୀ ଶ୍ରୀ ଠାକୁରଙ୍କ ବାଣୀ ଗ୍ରନ୍ଥାଦି ପାଠ, ନାମଧ୍ୟାନ, ଆର୍ଯ୍ୟକୃଷ୍ଟି ପତାକା ଉତ୍ତୋଳନ, ବୋଧବିକ୍ଷଣୀ ସଭା ଓ 'ଯାହା ଉପରେ ଯାହାକିଛି ସବୁ ତିଷ୍ଟି ରହିଛି ତାହା ହିଁ ଧର୍ମ, ଆଉ ସେହିଁ ପରମପୁରୁଷ', 'ଅଭ୍ୟାସ ବ୍ୟବହାର ଭଲ ଯେତେ, ଶିକ୍ଷା ତାହାର ଜାଣିବ ସେତେ', 'ଆଦର୍ଶ ସମାଜ ଗଠନରେ ମାତୃଜାତିର ଭୂମିକା', 'ସାମ୍ପ୍ରତିକ ପରିସ୍ଥିତିରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦର୍ଶନର ପ୍ରୟୋଜନୀୟତା', 'ଯେଉଁ ଖିଆଲ୍ ବିବେକର ଅନୁଚର ତାହାରି ଅନୁସରଣ କର ମଙ୍ଗଳର ଅଧିକାରୀ ହେବ', 'ନାରୀଠାରୁ ହିଁ ଜାତିର ସୃଷ୍ଟି', 'ବିବର୍ତ୍ତନର ଶ୍ରେଷ୍ଠଙ୍କୁ ଆଶ୍ରୟ କରି ଚାଲିବା ଦ୍ୱାରା ହିଁ ଭଗବତ୍‌ର ଉନ୍ମୋଚନ ହୁଏ' ଶୀର୍ଷକ ଆଲୋଚନାସଭା ଅନୁଷ୍ଠିତ ହେବା ସହ ମାତୃ ସମ୍ମିଳନୀ, ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଓ ଆନନ୍ଦ ବଜାର ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀରେ ଭାରତର ବିଭିନ୍ନ ସ୍ଥାନରୁ ଜ୍ଞାନୀ ଓ ଗୁଣୀ ତଥା ସାଧକବୃନ୍ଦ ଯୋଗଦାନ କରି ସେମାନଙ୍କ ସାହଚର୍ଯ୍ୟ ଓ ଭାବର ଆଦାନ ପ୍ରଦାନ ଦ୍ୱାରା ଆମ୍ଭମାନଙ୍କୁ ଉଦ୍‌ବୁଦ୍ଧ ଓ ଆପ୍ୟାୟିତ କରାଇବେ। ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କ୍ରାନ୍ତିକାରୀ ଆଦର୍ଶ ଓ ଭାଗବତ ଜୀବନର ବିଶଦ ପରିବେଷଣ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଶ୍ରୀ ଶ୍ରୀ ଠାକୁରଙ୍କ ପୌତ୍ର ମହାମହିମ ଅଧକ୍ଷ ଓ ପ୍ରଧାନ ଆଚାର୍ଯ୍ୟ ପୂଜାପାଦ ଶ୍ରୀଯୁକ୍ତ ବିଦ୍ୟୁତ୍ ରଞ୍ଜନ ଚକ୍ରବର୍ତ୍ତୀ ମହୋଦୟ ଏହି ସମ୍ମିଳନୀରେ ପୌରୋହିତ୍ୟ କରିବେ। ଏହି କାର୍ଯ୍ୟକ୍ରମକୁ ସଭାପତି, ସହପ୍ରତିଋତ୍ୱିକ ବିଶିଷ୍ଟ ଶିକ୍ଷାବିତ୍ ପରେଶ ଚନ୍ଦ୍ର ପାତ୍ର, ବ୍ରଜଗୋପାଳ ଦାସ, ଗୋପାଳ ଚନ୍ଦ୍ର ସାହୁ, କୃତ୍ତିବାସ ସାହୁ, ରାଧାକାନ୍ତ ପ୍ରଧାନ, ଅରୁଣ କୁମାର ସାହୁ, ଡାକ୍ତର ଉତ୍ତମ କୁମାର ପାତ୍ର, ଅଜିତ କୁମାର ଆଧେକ, ଗିରିଶ ଚନ୍ଦ୍ର ପାତ୍ର, ଶ୍ରୀନିବାସ ସାହୁ, ସୁବଳ ଚନ୍ଦ୍ର ଦତ୍ତ, ଜଗନ୍ନାଥ ଦତ୍ତ, ଗୌରାଙ୍ଗ ଚରଣ ଦାସ ପ୍ରମୁଖ ପରିଚାଳନା କରିବେ।

## ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ନେତୃମଣ୍ଡଳୀଙ୍କୁ ପ୍ରଭାତ ବିଶ୍ୱାଳଙ୍କ ଚେତାବନୀ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ପକ୍ଷରୁ ନବୀନ ନିବାସ ଘେରାଉ କରାଯିବା ପାଇଁ ଯେଉଁ ନିଷ୍ପତ୍ତି ହୋଇଥିଲା ସେଥିରେ ସଂଘର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏପରି ନିଷ୍ପତ୍ତି ତାଙ୍କ ଅଗୋଚରରେ କରାଯାଇଥିବାରୁ ସେ ଏହାର ଘୋର ବିରୋଧ କରିଛନ୍ତି, ନିନ୍ଦା କରିଛନ୍ତି ଏବଂ ସେହି ନ୍ୟସ୍ତସ୍ୱାର୍ଥ ନେତୃମଣ୍ଡଳୀକୁ ଚରମ ଚେତାବନୀ ଶୁଣାଇଛନ୍ତି। ଏକ ପ୍ରେସ୍ ବିବୃତ୍ତିରେ ଶ୍ରୀ ବିଶ୍ୱାଳ ଦର୍ଶାଇଛନ୍ତି ଦୀର୍ଘ ୨୫ ବର୍ଷ ହେଲା ଜଳଯୋଗାଣ କର୍ମଚାରୀ ସଂଘ ପକ୍ଷରୁ ହେଉଥିବା ଦାବିଗୁଡ଼ିକ ମଧ୍ୟରୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୭୦ ପ୍ରତିଶତ ଦାବି ପୂରଣ କରିଛନ୍ତି। ଏଥିପାଇଁ ତାଙ୍କ ନେତୃତ୍ୱରେ ସଂଘ ବହୁବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଥିଲେ। ଦାବି ପୂରଣ ପରେ ସଂଘ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛି। ଏହାସତ୍ତ୍ୱେ ନବୀନ ନିବାସ ଘେରାଉ ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏବଂ ନଗର ଉନ୍ନୟନ ଅଧିନରେ କାର୍ଯ୍ୟରତ ମୋଟ ୬୧୨୨ଜଣ ଏନ୍‌ଏମ୍‌ଆର ଓ ଏଚ୍‌ଆରଙ୍କ ମଧ୍ୟରୁ ୨୦୦୮ ଏବଂ ୨୦୦୯ ବର୍ଷରେ ୪୦୪୪ଜଣଙ୍କୁ ୱାର୍କ ଚାର୍ଜ କରାଯାଇଛି। ଅବଶିଷ୍ଟ ୨୦୭୮ ଜଣଙ୍କର ଦୈନିକ ୧୦୦ ଟଙ୍କା ହାରରେ ମଜୁରୀ ବୃଦ୍ଧି କରାଯାଇଛି ଯାହାକି ଅନ୍ୟ କୌଣସି ବିଭାଗରେ ଅଦ୍ୟାବଧି ହୋଇନାହିଁ। ମାନ୍ୟବର ସୁପ୍ରିମକୋର୍ଟରେ ଏହି ମାମଲା ବିଚାରାଧୀନ ଥିବାରୁ ବାଦ୍ ପଡ଼ିଥିବା ୨୦୭୮ଜଣ ଏନ୍‌ଏମ୍‌ଆର ଓ ଏଚ୍‌ଆରଙ୍କୁ ୱାର୍କଚାର୍ଜ କରିବାରେ ସମସ୍ୟା ରହିଛି। ସମସ୍ତ ୱାର୍କଚାର୍ଜ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ପାଇଁ ଏବେ ମଧ୍ୟ ସରକାରଙ୍କ ପାଖରେ ପ୍ରସ୍ତାବ ରହିଛି। ଏସବୁ ସତ୍ତ୍ୱେ ତାଙ୍କ ଅଜାଣତରେ ନବୀନ ନିବାସ ଘେରାଉ ନିଷ୍ପତ୍ତି ଏକ ଅଦୂରଦର୍ଶିତାର ପରିଣାମ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ତେଣୁ ଏଭଳି ଆନ୍ଦୋଳନାତ୍ମକ ନିଷ୍ପତ୍ତିରୁ ସଂଘ ଓହରିଯିବା ମଙ୍ଗଳକର ହେବ। ତେବେ ଭବିଷ୍ୟତରେ ଏପରି ନିଷ୍ପତ୍ତି ସଂଘ ପକ୍ଷରୁ ପୁନର୍ବାର ନିଆଗଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବିଶ୍ୱାଳ ରୋକ୍‌ଠୋକ୍ ଜଣାଇଛନ୍ତି।

# ସାଇଦର୍ଶନ ଓ ସାଇକୃପା





ଭଗବାନ ଶ୍ରୀସତ୍ୟସାଇ ବାବା ମହାସମାଧି ଗ୍ରହଣ କରିବାର ନଅବର୍ଷ ବିତିଯାଇଛି। ସେ ତାଙ୍କ ସ୍ଥୁଳ ଶରୀର ତ୍ୟାଗ କରିଛନ୍ତି ସତ କିନ୍ତୁ ଆଶ୍ରିତମାନଙ୍କୁ ତ୍ୟାଗ କରିନାହାନ୍ତି। ଏବେ ମଧ୍ୟ ସୂକ୍ଷ୍ମରେ ସମସ୍ତ ଦୈବୀକର୍ତ୍ତବ୍ୟ ମାନ ପୂର୍ବବତ୍ ସମ୍ପାଦନ କରିଚାଲିଛନ୍ତି। ଏଥିରୁ ସୂଚିତ ହେଉଛି ଯେ ଅବତାରଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଭକ୍ତ ବା ଆଶ୍ରିତମାନଙ୍କ ପକ୍ଷରେ ସମାନ କଥା। ସେମାନଙ୍କ ବଳ ତାଙ୍କ ପ୍ରାର୍ଥନା ଓ ଅନ୍ତରର ପବିତ୍ରତା ଯାହାକୁ ନିର୍ଭର କରି ସେମାନେ ନିଶ୍ଚିନ୍ତରେ ରହିପାରନ୍ତି ଓ ଭଗବତ୍ କୃପା ଲାଭ କରିପାରନ୍ତି। ସେ ସ୍ଥୁଳ ଶରୀରରେ ଥିଲାବେଳେ କହୁଥିଲେ ''ମୋ କଥା ମାନିବା ହିଁ ମୋ କୃପା ପାଇବାର ଉପାୟ।'' ମହାସମାଧି ଗ୍ରହଣ କରିବା ପରେ ମଧ ତାଙ୍କ ପୂର୍ବ ପ୍ରଦତ୍ତ ବାକ୍ୟ ରକ୍ଷା କରିବାରେ ସେ ପୂର୍ଣ୍ଣ ମାତ୍ରାରେ ସମର୍ଥ। ଦିବ୍ୟସମ୍ଭାଷଣ ଓ ସେ ନିଜର ଦୈବୀଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦକୁ ବ୍ୟବହାର କରି କୋଟି କୋଟି ବ୍ୟକ୍ତିଙ୍କ ଅନ୍ତରରେ ଆନନ୍ଦ ଖେଳାଇ ପାରିଛନ୍ତି। ସେବାକାର୍ଯ୍ୟରେ ନିୟୋଜିତ କରି ସହସ୍ର ସହସ୍ର ବ୍ୟକ୍ତିଙ୍କୁ ସ୍ୱାଭାବିକ ଆନନ୍ଦ ଉପଲବ୍ଧି କରାଇପାରିଛନ୍ତି। ଭଜନ ଓ ନାମ ସ୍ମରଣ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ନରନାରୀଙ୍କଠାରେ ଆନନ୍ଦ ପ୍ଳାବନ କରିପାରିଛନ୍ତି। ଦିବ୍ୟ ସମ୍ଭାଷଣ ମାଧ୍ୟମରେ ପ୍ରଦାନ କରୁଥିବା ଭାବାତୀତ ଶିକ୍ଷାକୁ ଜୀବନରେ ଯେଉଁମାନେ ବ୍ୟବହାର କରିଛନ୍ତି ସେ ସମସ୍ତେ ଅପାର ଆନନ୍ଦ ଲାଭ କରିଛନ୍ତି। ସର୍ବୋପରି ଏଭଳି ଐଶ୍ୱରିକ ଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ ପୂର୍ବକ ନିଜର ଭାଗ୍ୟକୁ ପ୍ରଶଂସା କରି ସମଗ୍ର ମାନବଜାତି ନିଜକୁ ଧନ୍ୟ ମନେକରୁଛି। ସମୟର ପ୍ରଭାବ, ଯୁଗ ଧର୍ମ, ଅଜ୍ଞାନ ଓ ଅହଂକାରର ବଶବର୍ତ୍ତୀ ହୋଇ ଆଜି ମଣିଷ ଅମଣିଷ ପାଲଟି ଯାଉଛି। ଦୈନିକ ସମ୍ବାଦପତ୍ର ତାହାର ପ୍ରମାଣ। ମଣିଷ ଜାଣିପାରୁନାହିଁ କ'ଣ କରଣୀୟ, କ'ଣ ଅକରଣୀୟ, ବିବେଚନାଶକ୍ତି ହରାଇ ମଣିଷ ତାହାଠାରୁ ନିମ୍ନ ପ୍ରବୃତ୍ତି ସମ୍ପନ୍ନ କର୍ମମାନ କରିବସୁଛି। ବିବେକ କ'ଣ, କେଉଁଠି ଥାଏ, ସେ କଣ କରେ, ତାହା ଜାଣିଥିବା ଲୋକେ ଆଜି ବିରଳ। ଜୀବନଯାପନ କରିବାର ସଠିକ ମାର୍ଗ ଆଜି ବିସ୍ମୃତ ଏବଂ ତାହାର ପରିଣାମ କି କଷ୍ଟଦାୟକ ! ଅଧିକାଂଶ ଏକ ଉତ୍ତପ୍ତ, ଅନୁତପ୍ତ ଓ ଚାପଗ୍ରସ୍ତ ଜୀବନର ଅସହ୍ୟ ଦୁଃଖରେ ବଞ୍ଚିବାକୁ ବାଧ ହେଉଛନ୍ତି। ବାବା କିନ୍ତୁ ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରାୟଶ୍ଚିତ କରିବାକୁ କହନ୍ତି ନାହିଁ। ତାଙ୍କର ପ୍ରଚଣ୍ଡ କ୍ଷମାଶକ୍ତି ବ୍ୟବହାର କରି କହନ୍ତି 'ତୁମେ କିଛିଟା ଭୁଲ କରିଦେଇଛ ମୁଁ, ସେସବୁକୁ କ୍ଷମା କରିଦେଉଛି, ଅତୀତକୁ ଭୁଲିଯାଅ, ନୂଆ କରି ଏକ ଜୀବନ ଆରମ୍ଭ କର।' ସେ ସ୍ନେହରେ ଆମ ହାତକୁ ଧରି ସତ୍ ପଥକୁ ଘେନି ଆସନ୍ତି, ଅନ୍ତରରେ ସଂସ୍କାର ଭରି ଦିଅନ୍ତି, ମନରେ ଦୃଢ଼ତା ବୃଦ୍ଧି କରି ନୂତନ ଜୀବନ ପଥରେ ଆମକୁ କେବଳ ଛାଡ଼ି ଦିଅନ୍ତି ନାହିଁ, ଆମ ସହିତ ନିଜେ ମଧ୍ୟ ଚାଲନ୍ତି। ନୈତିକ ଜୀବନର ସ୍ୱାଦ ଚଖାଇ ଅନୈତିକ ମାର୍ଗର ତିକ୍ତତା ଅନୁଭବ କରାଇ ଦିଅନ୍ତି। ଶୃଙ୍ଖଳିତ ଜୀବନର ନିରାପତ୍ତା ଭୋଗ କରାଇ ବିଶୃଙ୍ଖଳିତ ଜୀବନ ପାଇଁ ଅରୁଚି ସୃଷ୍ଟିକରି ଦିଅନ୍ତି। ତାଙ୍କ ଦିବ୍ୟଜୀବନର ନିଦର୍ଶନ ମାଧ୍ୟମରେ ମଣିଷ ଠାରେ ଦିବ୍ୟ ଜ୍ଞାନ ଉଦ୍ରେକ କରାଇ ଦିଅନ୍ତି ଯାହାଫଳରେ ଲୋକେ ପ୍ରେୟ ମାର୍ଗ ଛାଡ଼ି ଶ୍ରେୟ ମାର୍ଗ ଅବଲମ୍ବନ କରିଥାନ୍ତି ଏବଂ ସ୍ୱଅର୍ଜିତ ଆନନ୍ଦ ଉପଭୋଗ କରିପାରନ୍ତି। ଅଭାବି ଲୋକଙ୍କର ଅଭାବ ପୂରଣ କରିବା ଭଗବାନଙ୍କ ପାଇଁ ଖୁବ୍ ସହଜ, ସେମାନଙ୍କର ନିତାନ୍ତ ଆବଶ୍ୟକ ହୁଏ, ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଏଗୁଡ଼ିକ ଯିଏ ପୂରଣ କରେ ସେମାନେ ପୁଣ୍ୟ ଅର୍ଜନ କରନ୍ତି। ଅନ୍ୟପକ୍ଷରେ ଅଭାବିର ଅଭାବ ଦୂର ହୁଏ। ଅଭାବ ମୁଖ୍ୟତଃ ଦୁଇପ୍ରକାରର ଥାଏ। ପ୍ରଥମଟି ପ୍ରକୃତ ଅଭାବ ଓ ଦ୍ୱିତୀୟଟି ଲୋଭ ଜନିତ ଅଭାବ, ଯାହା କେବେହେଲେ ପୂରଣ ହୋଇପାରିବ ନାହିଁ। ସଂସାରରେ ଏଭଳି ଲୋକ ଅଛନ୍ତି ଯେଉଁମାନେ ଦରିଦ୍ର ମାନଙ୍କ ଆବଶ୍ୟକତା ପୂରଣ କରିପାରିବେ କିନ୍ତୁ ଲୋଭଜନିତ ଅଭାବର ପରିସମାପ୍ତି ନ ଥାଏ। ସଂଗଠନ ମାଧ୍ୟମରେ ତାଙ୍କ ଆଶ୍ରିତମାନଙ୍କୁ ଶିକ୍ଷା ଦେଇ ବାବା ଲୋଭ କମାଇବା ଓ ତ୍ୟାଗଭାବ ବଢ଼ାଇବାର ଶିକ୍ଷା ଦେଇ ଅଭାବି ମାନଙ୍କ ଇଚ୍ଛା ପୂରଣ କରିଦେଇଥାନ୍ତି। ସବୁଠାରୁ ବଡ଼କଥା ହେଲା ପରିସ୍ଥିତିର ଦାସ ହୋଇ ମଣିଷ ଯେତେବେଳେ ବିପଦର ସମ୍ମୁଖୀନ ହୋଇଛି କେବଳ ଗୋଟିଏ ନିଷ୍ପାପର ପ୍ରାର୍ଥନା ବଦଳରେ ସେ ପାଇଛି ଅଭୟ ଏବଂ ସକାରାତ୍ମକ ପ୍ରତିଶ୍ରୁତି। ଦୁର୍ଘଟଣାରୁ ଉଦ୍ଧାର ପାଇବା, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ଓ ଦୂରାତ୍ମାଙ୍କ କବଳରୁ ବର୍ତ୍ତିଯିବାର ଉଦାହରଣ ଅସଂଖ୍ୟ। ନିଜ ଜୀବନର ଦୃଷ୍ଟାନ୍ତ ଦେଇ ସମଗ୍ର ମାନବ ଜାତିକୁ ପ୍ରେମ ଓ ସେବା ମନ୍ତ୍ରରେ ଦୀକ୍ଷିତ କରାଇ ଭଗବାନ ବାବା ଆଶ୍ରିତ ମାନଙ୍କ ସହ ଆଣ ଆଶ୍ରିତମାନଙ୍କ ବହୁ ଉପକାର ଏପରିକି ଆତ୍ମଜ୍ଞାନ ସାଧନା କରାଇଛନ୍ତି। ସର୍ବଧର୍ମ ସମନ୍ୱୟ ପ୍ରତିଷ୍ଠା କରି, ଧର୍ମ ଧର୍ମ ଭିତରେ ଥିବା ବିଦ୍ୱେଷ ଭାବ ଦୂରକରି, ସମାଜରେ ସହାବସ୍ଥାନ ସମ୍ଭବ କରାଇ ପାରିଛନ୍ତି। ତାଙ୍କ ଦିବ୍ୟ ପ୍ରେମର ପ୍ରସାର ଘଟାଇ ଲୋକମାନଙ୍କ ପ୍ରେମ ବଳୟକୁ ଅଧିକ ସମ୍ପ୍ରସାରିତ କରାଇ ମାନବ ଜୀବନକୁ ସରଳ, ତରଳ ଓ ଉପଭୋଗ୍ୟ କରାଇ ପାରିଛନ୍ତି। ତାଙ୍କ ପାଇଁ ଯେତେ କୋଟି ଜୟକାର ଦେଲେ ବି ତାହା ଯଥେଷ୍ଟ ନୁହେଁ।

**ଇଂ. ସଚ୍ଚିଦାନନ୍ଦ ନନ୍ଦ,** ଅଲିଶା ବଜାର, କଟକ, ଦୂରଭାଷ : ୯୪୩୭୫୧୧୨୩୦

# ଯାଜପୁରରୋଡରେ ଇଷ୍ଟକୋଷ୍ଟ ରେଳ ଜୋନର ନୂତନ ଡିଭିଜନ ଘୋଷଣା ପାଇଁ ଦସ୍ତଖତ ଅଭିଯାନ ଓ ଗଣସମ୍ମିଳନୀ



ବ୍ୟାସନଗର (ପିଏନ): ଇଷ୍ଟକୋଷ୍ଟ ରେଳବାଇ ଜୋନର ଯାଜପୁର-କେଉଁଝର ରୋଡ ରେଳ ଷ୍ଟେସନର ବିକାଶ ସାଂଗକୁ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ଥିବା ଯାଜପୁରରୋଡକୁ ଏକ ନୂତନ ଡିଭିଜନ ଭାବେ ଘୋଷଣା କରିବା ଦାବୀରେ ଦସ୍ତଖତ ଅଭିଯାନ ଚାଲୁରହିଛି। ସ୍ଥାନୀୟ ହୋଟେଲ 'ରୟାଲ କଳିଙ୍ଗ' ଠାରେ ଗତ ରବିବାର ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ବିଭିନ୍ନ ସଂଗଠନ, ରାଜନୈତିକ ଦଳର ନେତୃମଣ୍ଡଳୀ, ଶିକ୍ଷାବିଦ୍, ସାମ୍ବାଦିକ, ଆଇନଜୀବୀ ପ୍ରମୁଖ ଏକ ଗଣସମ୍ମିଳନୀରେ ମିଳିତ ଭାବେ ଭାଗ ନେଇ ଯାଜପୁରରୋଡରେ ରେଳ ଡିଭିଜନ ପ୍ରତିଷ୍ଠା ହେବାର ଯଥାର୍ଥତା ଉପରେ ଆଲୋକପାତ କରିବା ସଂଗେ ସଂଗେ କେନ୍ଦ୍ର ସରକାର ଅବିଳମ୍ବେ ଏହି ଦାବୀ ପୂରଣ ଦିଗରେ ଯତ୍ନଶୀଳ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଦାବୀ କରିଥିଲେ। ବ୍ୟାସନଗର ବରିଷ୍ଠ ନାଗରିକ ମଂଚ, କଳିଙ୍ଗନଗର ଅବସରପ୍ରାପ୍ତ କର୍ମଚାରୀ ସଂଘ, 'ଉଦୟବଟ' ପରିବାର, ବିଭିନ୍ନ ଶ୍ରମିକ ସଂଗଠନ, ପତଂଜଳି ଯୋଗ ସମିତି, ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା, ସହରର ବହୁ ସାମ୍ବାଦିକ ଓ ଶିକ୍ଷାବିଦ୍‌ଙ୍କ ସମେତ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନେତା ପ୍ରମୁଖଙ୍କ ସମର୍ଥନ ଏଥିପ୍ରତି ଜ୍ଞାପନ କରାଯାଇ ଅଭିଯାନକୁ ଯୋରଦାର କରାଯିବା ସଂଗେ ସଂଗେ ଆଖପାଖ ଓ ପଡୋଶୀ ଅଂଚଳରେ ଜନସମର୍ଥନ ନିମନ୍ତେ ସଭାସମିତି ଓ ଦସ୍ତଖତ ଅଭିଯାନ ଚାଲୁ ରହିବାକୁ ସଭାରେ ଘୋଷଣା କରାଯାଇଥିଲା। 'ସିଟୁ'ର ଯାଜପୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ, ବ୍ୟାସନଗର ବରିଷ୍ଠ ନାଗରିକ ମଂଚର ସଂପାଦକ ଚନ୍ଦ୍ରମଣି ସାମଲ, ସହ-ସଂପାଦକ ପ୍ରଫୁଲ୍ଲ କୁମାର ନାୟକ, କୋରାଇ ବିଧାୟକ ପ୍ରାର୍ଥୀ ଇଂ. ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ଯାଜପୁରରୋଡରେ ଡିଭିଜନ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ରହିଥିବା ଓ ଏହି ଦାବୀ କେନ୍ଦ୍ର ପାଖରେ ପଡିରହିଥିବାରୁ ଏହାଉପରେ ବିଚାର କରିବାକୁ ସେମାନେ ଦାବୀ ଉଠାଇଥିଲେ। ସଭାର ଆବାହକ ଶ୍ରୀ ରାଉତ ଯାଜପୁରରୋଡ ସନ୍ନିକଟ ତଥା ଜିଲ୍ଲାର ଅନ୍ତର୍ଗତ ହୋଇଥିବା ହରିଦାସପୁର-ପାରାଦୀପ, ଜଖପୁରା-ବାଂଶପାଣି-ବଡବିଲ, ସୁକିନ୍ଦାରୋଡ-ତାଳଚେର-ଅନୁଗୁଳ ଭଳି ଅର୍ଥନୈତିକ ଉପଯୋଗୀ ରେଳ ପ୍ରକଳ୍ପ ଥିବାରୁ ଏବଂ ବ୍ୟାସ ସରୋବର ଅଂଚଳରେ ଡିଭିଜନ ପ୍ରତିଷ୍ଠା ପାଇଁ ପର୍ଯ୍ୟାପ୍ତ ସରକାରୀ ଖାଲି ଜାଗା ପଡିରହିଥିବାରୁ ଏଠାରେ ତୁରନ୍ତ ଡିଭିଜନ ଘୋଷଣା କରିବାର ଯଥାର୍ଥତା ରହିଛି ବୋଲି କହିଥିଲେ। ଏଥିରେ ସାମ୍ବାଦିକ ଜ୍ଞାନରଂଜନ ରାଉତ, ବିଜୟ କୁମାର ସାହୁ, ଶରତ ପଥାଳ, ସନ୍ତୋଷ କୁମାର ରଥ, ପ୍ରଦ୍ୟୁମ୍ନ କୁମାର ବୋଇତାଇ, ବିଶ୍ୱରଂଜନ ପଟ୍ଟନାୟକ, କୈଳାସ ରାଉତ, ବିନୟ କୁମାର ରାଉତ, ସାହିତ୍ୟିକ ଭୁବନମୋହନ ମହାନ୍ତି, ବ୍ୟାସନଗର ମହିଳା କଂଗ୍ରେସ ସଭାନେତ୍ରୀ ବ୍ରଜେଶ୍ୱରୀ ସିଂହ, ବରିଷ୍ଠ ନାଗରିକ ମଂଚର ଉର୍ମିଳା ନାୟକ, ଜମ୍ବୁନାଥ ସାମଲ, ଲମ୍ବୋଦର ମଲ୍ଲିକ, ଯୋଗଗୁରୁ ଧ୍ରୁବଚରଣ କର ଓ ଇନ୍ଦ୍ରମଣି କର, ସମାଜସେବୀ ରଶ୍ମିକାନ୍ତ ପଣ୍ଡିତ, ସୁରେନ୍ଦ୍ର କୁମାର ସାହୁ, 'ଉଦୟବଟ' ପରିବାରର ବିଦ୍ୟୁତ୍‌ପ୍ରଭା ରାୟ, ସୁମିତ୍ରା ମିଶ୍ର, ସୁମନ ରାୟ, ସୁଦର୍ଶନ ନାୟକ, ଏନ.ସି. ହାଇସ୍କୁଲର ବରିଷ୍ଠ ଶିକ୍ଷକ ଅଶ୍ୱିନୀ କୁମାର ଦାସ, ବ୍ୟାସନଗର ପବ୍ଲିକ ସ୍କୁଲର ହରପ୍ରିୟା କର, ମଡ଼େଲ ସ୍କୁଲର ଦାମୋଦର ପାତ୍ର, କଳିଙ୍ଗନଗର ଅବସରପ୍ରାପ୍ତ କର୍ମଚାରୀ ସଂଘର ସଂପାଦକ ଦାମୋଦର ପଣ୍ଡା, ବିଜେପି ନେତା ବସନ୍ତ ପାତ୍ର, କପିଳେଶ୍ୱର ଦୁର୍ଗାପୂଜା କମିଟିର ଯଶୋବନ୍ତ ବିଶୋଇ, ଯୁବ ସଂଗଠକ ବି. ମୋହନ, ଦିଗମ୍ବର ସାହୁ, ସହରର ବହୁ ବ୍ୟକ୍ତିବିଶେଷ ସର୍ବଶ୍ରୀ ସନାତନ ମଲ୍ଲିକ, ରାଜେଶ ବିଶ୍ୱାଳ, ବିଜେପି ନେତ୍ରୀ କମଳିନୀ ସାମଲ, ଦମୟନ୍ତୀ ବଳ, ଅନ୍ନପୂର୍ଣ୍ଣା ରାୟ, କାଂଚନ ନାୟକ, ଭାରତୀ ବେହେରା, ମିଟି ମହାରଣା, ଭାରତୀ ବିଶ୍ୱାଳ, ବିଜନ ମୁଣ୍ଡା ପ୍ରମୁଖ ଯୋଗଦେଇ ଦାବୀ ପ୍ରତି ସମର୍ଥନ ଜଣାଇଥିଲେ। କେଉଁଝର ରାମଚନ୍ଦ୍ରପୁରର ସମୀର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଇମଣି କୁଦାଦାଃଙ୍କୁ 'ସମାଜ' ଓ ଲୋକସେବକ ମଣ୍ଡଳ ପକ୍ଷରୁ ଆଦର୍ଶ କୃଷକ ସମ୍ମାନ



ଯୋଡା (ପିଏନ୍): କେନ୍ଦୁଝର ସହରରେ ନଗରଭବନ ଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୨ତମ ପୁଣ୍ୟ ଜନ୍ମତିଥି ଅବସରରେ ଅଭିନବ ଜ୍ଞାନକୌଶଳଯୁକ୍ତ ଅବଲମ୍ବନ କରି କୃଷି କାର୍ଯ୍ୟରେ ଅଗ୍ରଣୀ ଭାବେ ଯୋଡା ବ୍ଲକ ଅନ୍ତର୍ଗତ କଣ୍ଡରା ଗ୍ରାମପଂଚାୟତର କାହ୍ନୁପୁର ଗ୍ରାମର ଶିକ୍ଷୟତ୍ରୀ ରାଇମଣୀ କୁଦାଦାଃଙ୍କୁ 'ସମାଜ' ଓ 'ଲୋକସେବକ ମଣ୍ଡଳ' ପକ୍ଷରୁ ଆଦର୍ଶ କୃଷକ ସମ୍ମାନ ୨୦୧୯ ଭାବରେ ସମ୍ବର୍ଦ୍ଧିତ କରାଯାଇଛି।


# DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Phaggun Communication




# ଭୁବନେଶ୍ୱର ଠାରେ ଚତୁର୍ଦ୍ଦଶ ନବଯୁଗ ପୂର୍ବାଂଚଳ କର୍ପୋରେଟ୍ ଗଲଫ୍ କପ୍ ୨୦୧୯ ପ୍ରତିଯୋଗିତା ଅନୁଷ୍ଠିତ




ଭୁବନେଶ୍ୱର, (ପିଏନ): ଓଡିଶାକୁ ଭାରତର କ୍ରୀଡା ରାଜଧାନୀ ହିସାବରେ ଗଢିତୋଳିବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ଆଧାରରେ ଅଗ୍ରସର ହେବା ପରିପ୍ରେକ୍ଷୀରେ ଭୁବନେଶ୍ୱର ଗଲଫ୍ କ୍ଲବ୍ ତରଫରୁ ନବଯୁଗ ସହଭାଗୀତାରେ ଚଳିତ ମାସ ୧୨ ତାରିଖ ଦିନ ଭୁବନେଶ୍ୱର ସ୍ଥିତ ଗଲଫ୍ କ୍ଲବ୍ ଆନୁକୂଲ୍ୟରେ ଚତୁର୍ଦ୍ଦଶ ନବଯୁଗ ପୂର୍ବାଂଚଳ କର୍ପୋରେଟ୍ ଗଲଫ୍ କପ୍ ୨୦୧୯ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି।

କାକର ଭିଜା ଶୀତୁଆ ସକାଳରେ ଓଡିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀଯୁକ୍ତ ଅସିତ୍ ତ୍ରିପାଠୀଙ୍କ ଗରିମାମୟ ଉପସ୍ଥିତିରେ ମାନ୍ୟବର ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ), ବିଦ୍ୟୁତ୍ ଅଣୁବିଜ୍ଞାନ ଓ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ କ୍ରୀଡା ଓ ଯୁବ ସେବା ଶ୍ରୀଯୁକ୍ତ ଚନ୍ଦ୍ର ସାରଥୀ ବେହେରା ଏହି ଏକଦିବସୀୟ ପ୍ରତିଯୋଗିତାର ଶୁଭ ଉଦଘାଟନ କରିଥିଲେ।

ଜନସାଧାରଣଙ୍କୁ ସମ୍ବୋଧିତ କରିବା ଅବସରରେ ଶ୍ରୀଯୁକ୍ତ ବେହେରା, ବିସିଜି ପକ୍ଷରୁ ଓଡିଶାର ମନ୍ଦିରମାଳିନୀ ସହର ଭୁବନେଶ୍ୱର ଠାରେ ଏତାଦୃଶ ପ୍ରତିଯୋଗିତା ଆୟୋଜନ କରିବା ପାଇଁ କରାଯାଇଥିବା ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। ସେ ଆହୁରି ମଧ୍ୟ ପୂର୍ବାଂଚଳ କ୍ଷେତ୍ରରୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ସାରା ଓଡିଶାରେ ଖେଳକୁଦ ବାତାବରଣର ପ୍ରସାର କରିବା ନିମନ୍ତେ ପ୍ରେରଣା ପ୍ରଦାନ କରିଥିଲେ।

ପ୍ରତିଯୋଗୀମାନଙ୍କୁ ନିଜର ଅଭିଭାଷଣ ପ୍ରଦାନ ଅବସରରେ ଶ୍ରୀଯୁକ୍ତ ତ୍ରିପାଠୀ କହିଥିଲେ ଯେ କ୍ରୀଡାକୁ ଓଡିଶାର ଯୁବବର୍ଗଙ୍କ ମଧ୍ୟରେ ଲୋକପ୍ରିୟ କରିବା ନିମନ୍ତେ ଓଡିଶା ସରକାର ବହୁମୁଖୀ ଯୋଜନା ହାତକୁ ନେଉଛନ୍ତି। ହକି ବିଶ୍ୱକପ ୨୦୧୮ କୁ ସଫଳତାର ସହିତ ଆୟୋଜନ କରିଥିବାରୁ ସେ ଓଡିଶା ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଗଲଫ୍ କ୍ରୀଡା ସମ୍ବନ୍ଧରେ ସମ୍ୟକ୍ ବିବରଣୀ ପ୍ରଦାନ କରିବା ଅବସରରେ ସେ ଆହୁରି ମଧ୍ୟ କହିଥିଲେ ଯେ ଅନେକ କିଛି ପଡୋଶୀ ରାଜ୍ୟ ବିଶ୍ୱସ୍ତରୀୟ ଗଲଫ୍ କୋର୍ସ ନିର୍ମାଣ ନିମନ୍ତେ ଅନେକ ବୈପ୍ଳବିକ ସୂତ୍ରପାତ କରିଛନ୍ତି ଏବଂ ଭୁବନେଶ୍ୱର ଠାରେ ଏକ ବିଶ୍ୱସ୍ତରୀୟ ଗଲଫ୍ କୋର୍ସ ନିର୍ମାଣ ପାଇଁ ବର୍ତ୍ତମାନ ସମୟ ଉପନୀତ ହୋଇଛି। ଆମେ ରାଜ୍ୟରେ ଏକ ପୂର୍ଣ୍ଣ ବିକଶିତ ଗଲଫ୍ କୋର୍ସ ନିର୍ମାଣ ପାଇଁ ଉପଯୁକ୍ତ ଭୂମିର ସନ୍ଧାନ ଜାରି ରଖିଛୁ।

ଦେଶରେ ଥିବା ଅନ୍ୟୂନ୍ୟ ୨୫ ଗୋଟି ସରକାରୀ ଏବଂ କର୍ପୋରେଟ୍ ସଂସ୍ଥାର ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଟିଡିସି, ଟିନ୍‌ପ୍ଲେଟ୍ କୋ ଲିମିଟେଡ୍, ଜସ୍ ସଲ୍ୟୁସନ୍ସ, ଜେଡ୍ ଇଷ୍ଟେଟସ୍ ପ୍ରାଇଭେଟ୍ ଲିମିଟେଡ୍, ଟୟୋଟା, ଉତ୍କଳ ଅଟୋମୋବାଇଲସ୍ ପ୍ରାଇଭେଟ୍ ଲିମିଟେଡ୍, ଇଙ୍ଗା, ସିଂହ ଅଟୋମୋଟିଭସ୍, ଇଡ୍‌କୋ, ଏସିଇ କର୍ମସିଆଲ୍ କୋ ପ୍ରାଇଭେଟ୍ ଲିମିଟେଡ୍, ଟାଟା ଷ୍ଟିଲ୍ ଲିମିଟେଡ୍, ଏସ୍‌କେ ମେସିନାରିଜ୍, ସୂର୍ଯ୍ୟ ଉଦ୍ୟୋଗ ଲିମିଟେଡ୍, ଅର୍ଥ ମନ୍ତ୍ରଣାଳୟ (ଭାରତ ସରକାର), ଏସ୍‌ଆରବି ଆସୋସିଏଟସ୍, ଗୋଲ୍‌ଡେନ୍ ଆଙ୍କର, ଆଦାନୀ ଧାମରା ପୋର୍ଟ, ଆକ୍ରସ୍, ପୂର୍ବତଟ ରେଳପଥ, ଓବିପିଓ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ମିଙ୍କ ମନ୍ତ୍ରା, ଏମସିଏଲ୍, ପିଜେ ମିନେରାଲସ୍ ଇଂଟରନେସନାଲ୍ ପ୍ରାଇଭେଟ୍ ଲିମିଟେଡ୍, ରୟାଲ ହୋଟେଲସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ପରି ବହୁ ନାମୀଦାମୀ ସଂସ୍ଥାର ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଶ୍ରୀମତୀ ଶାନୁଖ ପାରିକ୍ଷ ସର୍ବଶ୍ରେଷ୍ଠ ମହିଳା ଗଲଫର ର ପୁରସ୍କାର ଜିତିଥିବା ବେଳେ ଶ୍ରୀଯୁକ୍ତ ପ୍ରଶାନ୍ତ ମୌର୍ଯ୍ୟ ସର୍ବଶ୍ରେଷ୍ଠ ଆଉଟଷ୍ଟେସନ ପୁରସ୍କାରର ବିଜେତା ଘୋଷିତ ହୋଇଥିଲେ। ୧୯ ରୁ ୨୪ ବର୍ଷ ଦିବ୍ୟାଙ୍ଗ ବର୍ଗରେ ଶ୍ରୀଯୁକ୍ତ ବିନାୟକ ଜମୱାଲ ଉପ-ବିଜେତା ହୋଇଥିବା ବେଳେ ଏହି ବର୍ଗରେ ଶ୍ରୀମତୀ ଲକ୍ଷୀ ସ୍ୱାଇଁ ବିଜେତାର ମୁକୁଟ ପରିଧାନ କରିଥିଲେ, ୦ ରୁ ୧୮ ବର୍ଷ ଦିବ୍ୟାଙ୍ଗ ବର୍ଗରେ ଶ୍ରୀଯୁକ୍ତ ସତ୍ୟଜିତ ମହାନ୍ତି ବିଜେତା ହୋଇଥିବା ବେଳେ ଶ୍ରୀଯୁକ୍ତ ରଂଜିତ ସିଂହ ଉପ-ବିଜେତା ହୋଇଥିଲେ। ଶ୍ରୀଯୁକ୍ତ ଦଲବୀର ସିଂହ ସର୍ବଶ୍ରେଷ୍ଠ ଗଲଫର ର ପୁରସ୍କାର ଜିତିଥିବା ବେଳେ କର୍ପୋରେଟ୍ ବର୍ଗରେ ଜେଡ୍ ଇଷ୍ଟେଟସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସିଂହ ଅଟୋମୋଟିଭସ୍ ଯଥାକ୍ରମେ ବିଜେତା ଓ ଉପ-ବିଜେତା ପଦକ ହାସଲ କରିଥିଲେ।

ପରିଶେଷରେ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହିତ ରଙ୍ଗାରଙ୍ଗ ଉଦଘାଟନୀ ସମାରୋହ ଆୟୋଜିତ ହୋଇଥିଲା ଏବଂ ଏହି ପ୍ରତିଯୋଗିତାର ସଫଳ ରୂପାୟନ ନିମନ୍ତେ ଓଡିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଓ ଭୁବନେଶ୍ୱର ଗଲଫ୍ କ୍ଲବ୍‌ର ସଭାପତି ଶ୍ରୀଯୁକ୍ତ ଅସିତ୍ ତ୍ରିପାଠୀ କର୍ପୋରେଟ୍ ଗଲଫ୍ ଟୁର୍ଣ୍ଣାମେଂଟ୍ ର ଆବାହକ ଶ୍ରୀଯୁକ୍ତ ରାଜୀବ ଶେଖର ସାହୁ, ଭୁବନେଶ୍ୱର ଗଲଫ୍ କ୍ଲବ୍‌ର ସମ୍ପାଦକ ଶ୍ରୀଯୁକ୍ତ ତପନ ମହାନ୍ତି, ଭୁବନେଶ୍ୱର ଗଲଫ୍ କ୍ଲବ୍‌ର କ୍ୟାପ୍‌ଟେନ୍ ଶ୍ରୀଯୁକ୍ତ ଦଲବୀର୍ ସିଂହ ଏବଂ ଟାଇଗର ସ୍ପୋର୍ଟସ୍ ମାର୍କେଟିଙ୍ଗ୍‌ର ଶ୍ରୀଯୁକ୍ତ ଇସହାନ୍ ଡି ସୌଜାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଭୁବନେଶ୍ୱର ଗଲଫ୍ କ୍ଲବ୍ ସହରର ଏକ ପ୍ରମୁଖ ଗଲଫ୍ କ୍ଲବ୍ ଯେଉଁଠାରେ ୯ ହୋଲ୍ ବିଶିଷ୍ଟ କୋର୍ସ ରହିଛି ଏବଂ ଆଗାମୀ ଦିନରେ ୧୮ ହୋଲ୍ ବିଶିଷ୍ଟ ଗଲଫ୍ କୋର୍ସ ନିର୍ମାଣର ପରିଯୋଜନା କରାଯାଇଛି। ଇନ୍‌ଫୋସିଟି ମଧ୍ୟରେ ଅବସ୍ଥିତ ଏହି ଗଲଫ୍ କ୍ଲବ୍ ପ୍ରଯୁକ୍ତି ବିଜ୍ଞାନ ସଂସ୍ଥାର ଏକ ପାର୍ଶ୍ୱରେ ଏକ ଭବ୍ୟ ପ୍ରାକୃତିକ ପରିବେଶ ମଧ୍ୟରେ ଗଢି ଉଠିଛି। ସୁଉଚ୍ଚ ପାହାଡ ଉପରେ ସ୍ଥିତ ଏହି ଗଲଫ୍ କ୍ଲବ୍ ରେ ପରିବର୍ତ୍ତନ କରିବା ନିମନ୍ତେ ଉଦ୍ଧିଷ୍ଟ କ୍ଷେତ୍ର, ବାର୍ ଓ ଭୋଜନାଳୟ, ସମ୍ମିଳନୀ କକ୍ଷ, କାର୍ଡ କକ୍ଷ, ବିଲିୟାର୍ଡସ୍ କକ୍ଷ ଏବଂ ବାଣିଜ୍ୟିକ ପରିସରର ସୁବିଧା ଉପଲବ୍ଧ। ଏହି କ୍ଲବ୍ କ୍ରୀଡା ଓ ସାମାଜିକ ବାତାବରଣ ସୃଷ୍ଟି କରେ ଏବଂ ରାଜ୍ୟ ରାଜଧାନୀର ଅନେକ ବ୍ୟକ୍ତି ବିଶେଷ ଏହି କ୍ଲବ୍‌ର ସଦସ୍ୟତା ଗ୍ରହଣ କରିଛନ୍ତି।

## ସମସ୍ୟା ଘେରରେ ଡିଗ୍ରୀ ମଡେଲ କଲେଜ

ନୂଆପଡ଼ା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ପୁଟୁପଡା ଠାରେ ଥିବା ଜିଲ୍ଲାର ଏକମାତ୍ର ମୋଡେଲ ଡିଗ୍ରୀ କଲେଜ ବିଭିନ୍ନ ସମସ୍ୟା ଭିତରେ ଗତି କରୁଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଅନଗ୍ରସର ଜିଲ୍ଲା ମାନଙ୍କରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ରାଜ୍ୟର ୮ ଗୋଟି ପଛୁଆ ଜିଲ୍ଲାରେ ମୋଡେଲ ଡିଗ୍ରୀ କଲେଜ ସ୍ଥାପନ କରିଥିବା ବେଳେ ନୂଆପଡା ଜିଲ୍ଲାର ଖଡିଆଳ ଠାରେ ଥିବା ମୋଡେଲ ଡିଗ୍ରୀ କଲେଜ ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ଏହି କଲେଜରେ ୨୧ ଜଣ ଅଧ୍ୟାପକ ସମେତ ୧୭ ଜଣ ଅନ୍ୟାନ୍ୟ କର୍ମଚାରୀ ପଦବୀ ନିଯୁକ୍ତି ପାଇଁ ସୁପାରିସ ହୋଇଅଛି। ହେଲେ ବର୍ତ୍ତମାନ ଜଣେ ଅଧ୍ୟକ୍ଷ, ୫ ଜଣ ଅଧ୍ୟାପକ, ଜଣେ କିରାଣୀଙ୍କୁ ଛାଡି ଦେଲେ ଅନ୍ୟ ସବୁ ପଦବୀ ଖାଲି ପଡିଛି। ଫଳରେ ପାଠପଢାରେ ବ୍ୟାହତ ଦେଖା ଦେଉଥିବା ଅଭିଯୋଗ କରିଛନ୍ତି। କଲେଜକୁ ପାଠ ପଢିବାକୁ ଆସୁଥିବା ଛାତ୍ରଛାତ୍ରୀମାନେ ନାନା ସମସ୍ୟା ଭୋଗ କରୁଥିବା ଅଭିଯୋଗ କରିଛନ୍ତି। ଏହା ସହ କଲେଜ ପରିସର ମଧ୍ୟରେ ବିଦ୍ୟୁତ, ହଷ୍ଟେଲ ସମସ୍ୟା ମଧ୍ୟ ରହିଅଛି। ଫଳରେ କୋମଳମତୀ ଛାତ୍ରଛାତ୍ରୀ ମାନେ ଅସୁବିଧା ଭୋଗ କରୁଥିବାବେଳେ ଅନେକ ସମୟରେ ଅପ୍ରତିକର ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ତୁରନ୍ତ ଦୃଷ୍ଟିଦେଇ ଖାଲି ପଡିଥିବା ଅଧ୍ୟାପକ, ଅନ୍ୟାନ୍ୟ କର୍ମଚାରୀ, ବିଦ୍ୟୁତ, ହଷ୍ଟେଲ ସମସ୍ୟାର ସମାଧାନ କରିବାକୁ ଅଭିଭାବକ ମହଲରେ ଦାବୀ ହେଉଛି। ନଚେତ ଆଗାମି ଦିନରେ ଛାତ୍ରଛାତ୍ରୀ, ଅଭିଭାବକମାନେ ମଡେଲ ଡିଗ୍ରୀ କଲେଜ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ କଲେଜ ଅଧ୍ୟକ୍ଷ ମଧୁସୂଦନ ସାହୁଙ୍କୁ ଯୋଗାଯୋଗ କରାଯିବାରୁ ଆଂଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କୁ ଜଣାଇଥିଲେ ମଧ୍ୟ ପ୍ରତିକାର କରାଯାଉନଥିବା ପ୍ରକାଶ କରିଥିଲେ।

# କପରଗଡ ଗାଁ ପ୍ରତି ସରକାରଙ୍କ ଶୁଭଦୃଷ୍ଟି ପଡିବ କେବେ ?

ନୂଆପଡ଼ା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ କିରିକିଟା ପଂଚାୟତ ଅନ୍ତର୍ଗତ ବଣ ପାହାଡ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଆଦିବାସୀ ବହୁଳ କପରଗଡ ଗାଁ। ଏହି ଗାଁ ପ୍ରତି ସରକାର ସଂପୂର୍ଣ୍ଣ ଅଣଦେଖା କରିଛନ୍ତି। ଏଠିକାର ଲୋକେ ମୌଳିକ ସୁବିଧା ସୁଯୋଗରୁ ସମ୍ପୂର୍ଣ୍ଣ ବଞ୍ଚିତ। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପାଣି, ବିଜୁଳି ସମସ୍ତ ଅଧିକାରରୁ ଏମାନେ ବହୁ ଦୂରରେ। ସ୍ୱାଧୀନତାର ୭୨ ବର୍ଷ ପରେ ବିକାଶଧାରା ଏହି ଗାଁ ପହଂଚି ପାରିନାହିଁ। ନୂଆପଡା ଜିଲ୍ଲା କପରଗଡ ଗାଁକୁ ଯିବା ଯେଉଁ ଠାରେ କି ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପାଣି, ବିଜୁଳି ମୌଳିକ ସୁବିଧାରୁ ଲୋକେ ବଂଚିତ। ସବୁଠାରୁ ବଡକଥା ହେଉଛି ଏହିଗାଁକୁ ଯିବାକୁ ହେଲେ ରାସ୍ତାନାହିଁ। ଦୁର୍ଗମ ଅଂଚଳ ଅତିକ୍ରମ କରି ପାଦରେ ଚାଲି ଚାଲି ଯିବାକୁ ପଡିଥାଏ। ସତେ ଯେପରି ଏହି ଗାଁଟି ଓଡିଶା ମାନଚିତ୍ରରୁ ଅଲଗା। ଏମାନଙ୍କ ପ୍ରତି ସରକାର ଅଣଦେଖା କରୁଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ସରକାର ଗ୍ରାମାଂଚଳର ବିକାଶ ପାଇଁ ବିଭିନ୍ନ ଜରିଆରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏହିସବୁ ଯୋଜନା କପରଗଡଗାଁକୁ ପହଂଚି ପାରୁନାହିଁ। ନୂଆପଡା ଜିଲ୍ଲା ସଦର ମହକୁମା ଠାରୁ ୮୫ କି.ମି ଦୂରତାରେ ଏହି କପରଗଡ ଗାଁ ଅବସ୍ଥିତ। ମୁଖ୍ୟତଃ ଗାଁ ଲୋକେ ବନ୍ୟଜାତ ଦ୍ରବ୍ୟ, ମହୁଲ, ଚାହାର, ହରଡ, ବାହାଡା, କେନ୍ଦୁ, ତେତେଳ ସଂଗ୍ରହ କରି ନିଜର ଜୀବିକା ନିର୍ବାହ କରିଥାନ୍ତି। ଯୁଗ ଯୁଗ ଧରି ବଣ ପାହାଡରେ ବସବାସ କରୁଥିବା ଏହି ଆଦିମ ଆଦିବାସୀ ପଞ୍ଚାୟତ କିମ୍ବା ଖଡିଆଳ ବ୍ଲକ କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ପାଇଁ ରାସ୍ତାଟିଏ ନାହିଁ। ଏଠିକାର ଲୋକ କୌଣସି ରୋଗରେ ପୀଡିତ ହେଲେ ଖଟିଆର ଚାରିକୋଣରେ ଦୌଡି ବାନ୍ଧି ପିଠିରେ ବୋହି ପାହାଡିଆ ରାସ୍ତା ଅତିକ୍ରମ କରି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥାନ୍ତି। ଖରା, ବର୍ଷା, ଶୀତ କୌଣସି ଋତୁରେ ମଧ୍ୟ ଯାନବାହନ ଯାତାୟତ ସ୍ୱପ୍ନ ଅଟେ। ପାଦରେ ଚାଲି ଚାଲି ଯିବା ତାଙ୍କର ନିତିଦିନିଆ ବେଉଷା। ଗାଁ ଲୋକେ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଖଡିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡା ଜିଲ୍ଲାପାଳଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଦୁଃଖର ସହ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଝୀ, ହଳଦୀ ମାଝୀ, ଜାନକୀ ମାଝୀ, ଇନ୍ଦ୍ର ମାଝୀ ଆମ ପ୍ରତିନିଧିଙ୍କ ଠାରେ ପ୍ରକାଶ କରିଛନ୍ତି। ମୁଖ୍ୟତଃ ରାସ୍ତାଟିଏ ନିର୍ମାଣ କରିବା ପାଇଁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଜିଲ୍ଲା ପ୍ରଶାସନ ଏମାନଙ୍କ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବି ମହଲରେ ଦାବୀ ହେଉଛି।

## ପୂର୍ବତନ ସାଂସଦଙ୍କ ନିଆରା ଢଙ୍ଗରେ ନୂଆବର୍ଷ ପାଳନ

ନୂଆପଡ଼ା, (ପିଏନ)- ପୂର୍ବତନ ରାଜ୍ୟ ସଭା ସାଂସଦ ଏଭି ସ୍ୱାମୀ ନିଜ ପରିବାର ସହ ସ୍ଥାନୀୟ ଟାନଓ୍ୱାଟ ସ୍ଥିତ ବିଜୁ ପଟ୍ଟନାୟକ ମାନସିକ ଅନଗ୍ରସର ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସହ ନୂଆ ବର୍ଷ ପାଳିଛନ୍ତି ଏହି ନେତା। ମଙ୍ଗଳବାର ମଧ୍ୟାହ୍ନରେ ସପରିବାର ଶ୍ରୀ ସ୍ୱାମୀ ଉକ୍ତ ସ୍କୁଲରେ ପହଂଚିଥିଲେ। ସେଠାରେ ସାଂସଦ ପାଣ୍ଠିରୁ ନବ ନିର୍ମିତ ଛାତ୍ରବାସ ଗୃହ ଉଦ୍‌ଘାଟନ କରିଥିଲେ। ସ୍କୁଲ ଅଧ୍ୟକ୍ଷା ରାଜେଶ୍ୱରୀ ସାମନ୍ତଙ୍କ ଅଧ୍ୟକ୍ଷତାରେ ଏହି ଅବସରରେ ଆୟୋଜିତ ସଭାରେ ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀ ସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଟିଟିଲାଗଡ ଡିଏଭି କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବପ୍ରସାଦ ବେହେରା ମୁଖ୍ୟ ବକ୍ତା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାସିଂ ମାଝି, ବିଜୁ କଳିଙ୍ଗ ସେନାର ସେନା ନାୟକ ସୁରେଶ ଆଚାରୀ, ଟାନଓ୍ୱାଟ ସରପଂଚ ଶାନ୍ତିଲତା ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଂଚାସୀନ ଥିଲେ। ମାନସିକ ଅନଗ୍ରସରମାନେ ଭଗବାନଙ୍କ ଅନନ୍ୟ ଶକ୍ତିର ଅଧିକାରୀ। ତାଙ୍କୁ ସ୍ନେହ ଶ୍ରଦ୍ଧା କରିବା ଆବଶ୍ୟକତା ରହିଛି। ଏମାନଙ୍କ ସହିତ ସମସ୍ତେ ସମୟ ଅତିବାହିତ କଲେ ତାଙ୍କରମନୋବଳ ଦୃଢ ହୋଇ ପାରିବ ବୋଲି ମୁଖ୍ୟ ବକ୍ତା ଶ୍ରୀ ବେହେରା କହିଥିଲେ। ହସଖୁସିରେ ଭୋଜିଭାତର ଆସର ଜମିଥିଲା। ଛାତ୍ରୀ ଝୁନିଆ ଗଉଡଙ୍କ ଗୀତରେ ଅତିଥିମାନେ ଭାବ ବିହ୍ୱଳ ହୋଇ ପଡିଥିଲେ। ସଂଗୀତ ଶିକ୍ଷକ ଶିବପ୍ରସାଦ ପଟ୍ଟନାୟକ, ଚୁନୁଲାଲ ଶବର, ଅମିଲାଲ ଶବର, ସନ୍ତରାମ ପଟେଲ, ବଲରାମ ସୋନୀ, ସ୍କୁଲର ଶିକ୍ଷକ ନିଳିମା ମିଶ୍ର, ସଂଯୁକ୍ତା ରାଉତ, ସୁଦର୍ଶନ ନାଏକ, ଖିରସିନ୍ଧୁ ଅଦା, ବିଷ୍ଣୁପ୍ରିୟା ବେହୁରା, ଗୋବିନ୍ଦ ସାହୁ, ଦେବଦତ ମଲ୍ଲିକ, ଯୁବତୀ ମଲ୍ଲିକ, ଅନୁସୂୟା ଦେଇ, ବାସନ୍ତୀ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## କୁମ୍ଭକାରେ ମୁଁ ହିରୋ ମୁଁ ଓଡ଼ିଶା

ଧର୍ମଶାଳା,(ପିଏନ)- ବରୀ ବ୍ଲକ ବୋଦୁଅ ପଂଚାୟତର କୁମ୍ଭକାଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଶ୍ମିକାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରୀ ବ୍ଲକ ପୂର୍ବତନ ଅଧକ୍ଷ ନିଳମଣୀ ସାମଲ, ମୁଖ୍ୟବକ୍ତା ରଘୁନାଥ ଧଳ, ସମ୍ମାନୀତ ଅତିଥି ସମିତିସଭ୍ୟ ଖଗେଶ୍ୱର ଜେନା ଯୋଗଦେଇ ଦୁଇ ଦିନ ହେବ ଚାଲିଥିବା ବିଭିନ୍ନ ଖେଳ ଚାଲିଥିବା ବେଳେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବକାନ୍ତ ରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର ବିଶ୍ୱାଳ ସହଯୋଗ କରିଥିଲେ. ଏଥିରେ ପଞ୍ଚାୟତର ବହୁ ଯୁବକ, ଯୁବତୀ ଯୋଗ ଦେଇଥିଲେ।

# ୧୯୬୧ ଜନଗଣନା ଅନୁଯାୟୀ ରାଉରକେଲାରେ ପୁଲିସର ଅଭାବ-ଏସପି

ରାଉରକେଲା,(ପିଏନ)-୧୯୬୧ ଜନଗଣନା ଅନଯାଇ ରାଉରକେଲା ପୁଲିସ ଜିଲ୍ଲାରେ ଯାହା ପୁଲିସ ସଖ୍ୟା ରହିବା କଥା ତାହାର ।ଭାବ ରହିଛି,ତଥାଲୋକଙ୍କୁ ସିମିତ ଲୋକ ବଳରେ ସେବା ଯୋଗାଇ ଦେବା ଲାଗି ଚେଷ୍ଟା କରାଯାଉଛି ବୋଲି ରାଉରକେଲା ଏସପି ଶ୍ରୀ ଉମାଶଙ୍କର ଦାସ ଆଜି ଗଣମାଧ୍ୟମକୁ ଭେଟିବାବେଳେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରାଉରକେଲାରେ ୧୪୬ ସବଇନସପେକ୍ଟର ଯାଗାରେ ୪୬ ଥିବାବେଳେ ଏସଆଇ ୩୦ ପଦବୀ ଖାଲି। ଅନ୍ୟାନ୍ୟ ପଦବୀ ଠିକ ରହିଛି ।ଖାଲିଥିବା ପଦବୀ ଗୁଡିକ ବିଶେଷକରି କାମ କରିବାର ମୁଖ୍ୟ ଆଧାର ।ତେଣୁ ମାମଲା ଗୁଡିକର ।ନୁସଂଧାନ ଲାଗି ସମସ୍ୟା ହେଉଚି। ସେହିଭଳି ଏହି ପୁଲିସ ଜିଲ୍ଲାର ଉନ୍ନତି ଲାଗି ସରକାରଚ ସେଭଳି କିଛି ସହାୟତା ଦେଇ ନାହାଁତି ଖାଲି ଗାଡୀ ଓ ଘର ଲାଗି ସହାୟତା ଯୋଗାଇଛନ୍ତି ।ତଥାପି ୬ମାସ ଭିତରେ ସିସି ଟିଭି ର ବ୍ୟବସ୍ଥା କରାଜିବା ସହ ଥାନା ଗୁଡିକରେ ଲୋକଙ୍କୁ ପୁଲିସର ଅଧିକ ସହାୟତା ଲାଗି ଉଦ୍ୟମ ଜାରୀ ରହିଛି। ସେହି ତୁଳନାରେ ଗତ ବର୍ଷ ଅପରାଧ ସଖ୍ୟା କେତେକାଂଶରେ କମିଥିବା ବେଳେ କେତେକ ଯାଗାରେ ବଢିଥିବା ସେ ସୁଚନା ଦେଇଛନ୍ତି। ହତ୍ୟା ୪୮ଟି ହୋଇଥିବା ବେଳେ,ଡକାୟତି ୨୫ଟି, ରବରି୧୧୬। ଏଥିରେ ୭ଟିମାମଲା ଗତ ବର୍ଷ ତୁଳନାରେ ବଢିଛି ଓ ୫୦ପ୍ରତିଶତ ମାମଲା ରେ ଅପରାଧୀ ଧରାପଡିଛନ୍ତି ।ବରଗୁଲାରୀ ୨୧୫ ହୋଇଥିବାବେଳେ ଏହା ବୃଦ୍ଧି ପାଇଛି ।ଚୋରୀ ମଧ ବଢିଛି ଏହାର ସଂଖ୍ୟା୪୨୫ରେ ପହଁଚିଛି ।ସେହିଭଳି ରୟଟିଂ ୪୮, ଦୁର୍ଘଟଣା ୪୮୯ ମିଶାଇ ଜିଲ୍ଲାରେ ମୋଟ୩୩୦୫ଟିମାମଲା ୨୦୧୮ରେ ହୋଇଥିବା ସେ ପ୍ରକାଶ କରିଛନ୍ତି। ପିଏଲଏଫ ଆଇ, ମାଓବାଦୀ ମାମଲା କମିଛି ସେମାନଙ୍କୁ ଅଙ୍କୁଶ ଲଗାଇବାଲାଗି ଉଦ୍ୟମ ଜାରୀ ରହିଛି ।ସହର ରେ ଟ୍ରାଫିକ ସମସ୍ୟା ବଢୁଥିବା ନେଇ ସାମ୍ବାଦିକମାନେ ତାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଚଳିତ ବର୍ଷ ଆରମ୍ଭରେ ୧୨ଟି ମାମଲା ହୋଇଥିବାବେଳେ ଏଥିରୁ ୫ଟି ମାମଲା ଦୁର୍ଘଟଣା ବୋଲି ସେ ପ୍ରକାଶ କରିଛନ୍ତି। ଏହି ପ୍ରେସ ମିଟରେ ଅତିରିକ୍ତ ଏସପି କେ ମହାପାତ୍ର, ସୁରେଶ ଚନ୍ଦ୍ର ପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଢ ମାସ ହେଲା ଗ୍ରାମରୋଜଗାର ସେବକ ରାଜରାସ୍ତାରେ, ଉନ୍ନୟନ କାର୍ଯ୍ୟ ଠପ

ନୂଆପଡ଼ା, (ପିଏନ)- ଓଡିଶା ଗ୍ରାମ ରୋଜଗାର ସେବକ ସଂଘର ଆହ୍ୱାନ କ୍ରମେ ନୂଆପଡ଼ା ଜିଲ୍ଲାରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକମାନେ ଗତ ନଭେମ୍ବର ୧୫ ତାରିଖ ଠାରୁ ବିଭିନ୍ନ ଦାବୀ ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରୁଛନ୍ତି। ଯାହାଫଳରେ ଦିର୍ଘ ୪୯ ଦିନ ହେଲା ପଞ୍ଚୟତ କାର୍ଯ୍ୟ ଠପ ହୋଇଯାଇଛି। ଗ୍ରାମ ରୋଜଗାର ସେବକ ମାନେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମୀଣ ଗୃହ ନିର୍ମାଣ ଯୋଜନା, ଗ୍ରାମୀଣ ବ୍ୟକ୍ତଗତ ପାଇଖାନା ନିର୍ମାଣ, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତା ବଂଟନ, ରାସନକାର୍ଡ ସର୍ଭେ, ଗ୍ରାମ ପଂଚାୟତ ପ୍ଲାନ୍ ପ୍ଲସ ଯୋଜନା ମାନଙ୍କୁ ସଠିକ ଭାବେ ଇଣ୍ଟରନେଟରେ ଅପଲୋଡ କରିବା ସହିତ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟ ସମୟରେ ରିଲିଫ ବଂଟନ କାର୍ଯ୍ୟ, ନିର୍ବାଚନୀ କାର୍ଯ୍ୟ ପରିଚାଳନା ଏବଂ ନୂତନ ଭାବେ ଜାରି ହୋଇଥିବା ମିଶନ ଅର୍ନ୍ତୋଦୟ ସର୍ଭେ ଆଦି କାର୍ଯ୍ୟ ସହିତ ଅନ୍ୟାନ୍ୟ ଲୋକାଭିମୁଖୀ କାର୍ଯ୍ୟ ଗୁଡିକୁ ସୁଚାରୁ ରୁପେ ସୁଫଳ ରୁପାୟନ କରୁଥିଲେ ମଧ୍ୟ ସରକାର ଆଜି ପର୍ଯ୍ୟନ୍ତ ମାତ୍ର ୭୦୦୦ ହଜାର ଟଙ୍କା ମାସିକ ଦରମାରେ ଜିଆରଏସ ମାନଙ୍କୁ ଦିର୍ଘ ୧୨ ବର୍ଷରୁ ଉର୍ଦ୍ଧ ସମୟ ହେବ ଗୋଟି ଶ୍ରମିକ ଭାବେ ଖଟାଇ ଆସୁଛନ୍ତି। ରାଜ୍ୟ ସରକର ଗ୍ରାମ ରୋଜଗାର ସେବକ ମାନଙ୍କ ଦାବୀକୁ ବିଚାରକୁ ନ ନେଇ ଧମକ ପ୍ରଦାନ କରୁଛନ୍ତି। ରୋଜଗାର ସେବକ ମାନେ ଏହାକୁ ନଡରି ଯୋରଦାର ଆନ୍ଦୋଳନ କରିବା ପାଇଁ ସରକାରକୁ ଚେତାବନୀ ଦେଇଛନ୍ତି। ସରକାର ଯେତେଦିନ ପର୍ଯ୍ୟନ୍ତ ସ୍ଥାୟୀ ନିଯୁକ୍ତି ଦେଇନାହାନ୍ତି ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବା ପାଇଁ ସ୍ଥିର ହୋଇଥିବା ନୂଆପଡା ଜିଲ୍ଲା ଗ୍ରାମ ରୋଜଗାର ସେବକ ସଂଘର ସଭାପତି ସନ୍ତୋଷ କୁମାର ଥପା, ଉପ ସଭାପତି ରୁପେଶ ମେହର, ସମ୍ପାଦକ ଦୁଷ୍ମନ୍ତ ବେହେରା, ରାଜ୍ୟ କୋର କମିଟୀ ସଭ୍ୟ ଜୟନ୍ତ ଶବର, ଭୋଜରାଜ ପ୍ରଧାନୀ, ପିଙ୍କୁ ପ୍ରସାଦ ପୁରୋହିତ ସମେତ ଅନ୍ୟାନ୍ୟ ରୋଜଗାର ସେବକ ମାନେ ପ୍ରକାଶ କରିଛନ୍ତି।

## ସହିଦ ଗୋପ ପ୍ରସାଦଙ୍କ ତ୍ରୟୋଦଶ ବାର୍ଷିକ ଶ୍ରାଦ୍ଧ ସମାରୋହ

କୋରେଇ,(ପିଏନ)- ୨୦୦୬ ମସିହା ଜାନୁଆରୀ ୨ ତାରିଖ କଳିଙ୍ଗନଗର ଆଦିବାସୀଙ୍କ ଦ୍ୱାରା ସହିଦ ହାବିଲଦାର ଗୋପ ପ୍ରସାଦ ମହାନ୍ତିଙ୍କର ତ୍ରୟୋଦଶ ବାର୍ଷିକ ଶ୍ରାଦ୍ଧ ସମାରୋହ କୋରାଇ ବ୍ଲକ ଅନ୍ତର୍ଗତ ଧନେଶ୍ୱରସ୍ଥିତ ତାଙ୍କ ବାସଭବନରେ ପାଳିତ ହୋଇଛି। ଗ୍ରାମ ମୁଣ୍ଡରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। ଶ୍ରୀ ଗୌରାଙ୍ଗ ନୋଡାଲ ବିଦ୍ୟାପୀଠର ଛାତ୍ର/ଛାତ୍ରୀଙ୍କ ସମେତ ସ୍ମୃତି କମିଟିର ସଭାପତି ଆଲୋକ ମହାନ୍ତ, ସମ୍ପାଦକ ବିଶ୍ୱରଂଜନ ଦାସଙ୍କ ନେତୃତ୍ୱରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଗ୍ରାମ ମଧ୍ୟରେ ଏକ ସ୍ମୃତି ଚାରଣ ସଭା କୋରାଇ କାହ୍ନୁ ଚରଣ ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଂଜନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ଶ୍ରୀ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ଶ୍ରୀ ଦାସ ବିବରଣୀ ପାଠ କରିଥିଲେ। ସହୀଦ ଗୋପ ପ୍ରସାଦ ଓ ସ୍ମୃତି କମିଟର ପ୍ରାକ୍ତନ ସଭାପତି ବିଜୟ କୁମାର ଦାସଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କାଯାଇଥିଲା। କୋରାଇ ଥାନାଧିକାରୀ ଚିନ୍ମୟୀ ସାହୁ, କୋରାଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ, ସମିତିସଭ୍ୟା ମମତା ଘଡେଇ, ସମାଜସେବୀ ପିତାମ୍ବର ନନ୍ଦ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ସହୀଦଙ୍କ ସ୍ମୃତି ଚାରଣ କରିଥିଲେ। କଳିଙ୍ଗନଗରରେ ବ୍ୟାକ ବ୍ୟସ୍ତ ରହୁଥବବା ଜିଲ୍ଲା ପ୍ରଶାସନ ସହୀଦ ଗୋପ ପ୍ରସାଦଙ୍କ ଶ୍ରାଦ୍ଧକୁ ଅଣଦେଖା କରୁଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ପୂର୍ବତନ ସମିତିସଭ୍ୟ ନିରଂଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାଇ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡଃ ମୋହନ ଚରଣ ଖୁଂଟିଆ, ପ୍ରାକ୍ତନ ସମ୍ପାଦକ ତରକେଶ୍ୱବର ମହାନ୍ତି,ଏସଆଇ ଅଜୟ ସ୍ୱାଇଁ, ବିନୟ ପଟ୍ଟନାୟକ, ବଡଭାଇ ଗୋପିନାଥ ମହାନ୍ତି, ସାନଭାଇ ମନୋଜ ମହାନ୍ତି. ସାମ୍ବାଦିକ ପ୍ରତାପ ବେହେରାଙ୍କ ସମେତ ଶତାଧିକ ଲୋକ ଯୋଗଦେଇଥିଲେ। ଧନେଶ୍ୱର -କୋରାଇ ରାସ୍ତାକୁ ସହିଦ ଗୋପ ପ୍ରସାଦ ମାର୍ଗଭାବେ ନାମିତ କରିବାକୁ ଦାବି ହୋଇଥିଲା। ସନ୍ଧ୍ୟାରେ ସହୀଦଙ୍କ ସ୍ମୃତିରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

## ଛତିଶଦେବିଲକୁ ହରାଇ ବଡପାଲ ଚମ୍ପିଅନ

ଧର୍ମଶାଳା,(ପିଏନ)- ବରୀ ବ୍ଲକ ବାଲିଆପାଳ ସ୍ଥିତ ମା’ ତାରିଣୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ବିଧାନଚନ୍ଦ୍ର ଏକାଡେମୀ ଖେଳ ପଡିଆରେ ଚାଲିଥିବା ଆମ୍ରନ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ ବଡପାଳ ସହିତ ଛତିଶଦେବିଲ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଛତିଶଦେବିଲ ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ତାର ମୂଲ୍ୟବାନ୯ୱିକେଟ ହରାଇ ମାତ୍ର ୫୬ରନ୍ ସଂଗ୍ରହ କରିଥିଲା। ତାର ଜବାବରେ ବଡପାଳ ନିର୍ଦ୍ଧାରିତ ୧୩ଓଭରରେ ୬ୱିକେଟ ହରାଇ ୫୭ ରନ ସଂଗ୍ରହ କରି ଚଳିତ ବର୍ଷ ଚମ୍ପିଆନ୍ ହୋଇଥିଲେ। ଏହି ମ୍ୟାଚରେ ପ୍ରିତମ୍ ରଂଜନ ମଲ୍ଲିକ ସର୍ବାଧିକ ୱିକେଟ ନେଇ ମ୍ୟାନ୍ ଅଫ୍‌ଦି ମ୍ୟାଚ୍ ହୋଇଥିବା ବେଳେ ରଶ୍ମିରଂଜନ ବିଶ୍ୱାଳ ସର୍ବାଧିକ ରନ ସଂଗ୍ରହ କରି ମ୍ୟାନ୍ ଅଫ୍‌ଦି ସିରିଜ ବିବେଚିତ ହୋଇଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଯାଜପୁର କିନର ଆସୋସିଏସନ୍‌ର ସଭାପତି କାଜଲ୍ ନାୟକ, ସମ୍ପାଦିକା ଲଭଲି ସାହୁ, ଆମ୍ରନ କପର ମ୍ୟାନେଜର ରବିରଂଜନ ନାୟକ, ବ୍ଲକ୍ ଅଧକ୍ଷା ସୁନନ୍ଦା ଦାଶ, ପୂର୍ବତନ ଉପାଧକ୍ଷ ହେମନ୍ତ କୁମାର ମହାପାତ୍ର, ବାଇଁଶ୍ରୀଆ ସରପଂଚ ସନ୍ଧ୍ୟାରାଣି ସାହୁ, ନରହରି ପରିଡା, ଅନାଦି ଚରଣ ବେହେରା, ଅଜୟ ସାହୁ, ସତ୍ୟାନନ୍ଦ କବି, ଅପୁର୍ବ ରଜଂନ ସାହୁ ପ୍ରମୁଖ ଯୋଗଦେଇ ବିଜୟ ଓ ପରାଜିତ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଭାଷ୍ୟକାର ଭାବେ କୁଳମଣୀ ଦାଶ ଓ ଅରୁଣଲାଲ ସାହୁ ଓ ଯୁଧିଷ୍ଠିର ଦାସ ଓ ଧିରେନ୍ଦ୍ର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ।

## ଅନ୍ନପୂର୍ଣ୍ଣା ମହାରଣାଙ୍କ ଷଷ୍ଠତମ ଶ୍ରାଦ୍ଧବାର୍ଷିକ

ଧର୍ମଶାଳା,(ପିଏନ)- ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଗାନ୍ଧୀବାଦୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ଷଷ୍ଠତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ କସ୍ତୁରିବା ଟ୍ରଷ୍ଟ ପକ୍ଷରୁ ସେବା ଘର ଠାରେ ପ୍ରତିନିଧି ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚୁନି ଅପାଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ବକ୍ତା ମାନେ ଆଲୋକପାତ କରିଥିଲେ। ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପାଣିତ ହୋଇ ଚୁନି ଅପା ଖୁବ୍ କମ ବୟସରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ଭାରତ ଛାଡ ଆନ୍ଦୋଳନ ସମୟରେ ବରୀରେ ଲୋମହର୍ଷଣ ଗୁଳି କାଣ୍ଡ ହୋଇଥିଲା ସେଥିରେ ସେ ନେତୃତ୍ୱ ନେଇଥିଲେ ବୋଲି ବକ୍ତା ମାନେ ମତବ୍ୟକ୍ତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗାନ୍ଧୀତ୍ୱଦର୍ଶୀ ପ୍ରହଲାଦ ସିଂ, ପଂଚାୟତ ସମିତି ଅଧକ୍ଷା ସୁନନ୍ଦା ଦାସ, ହୃଷିକେଶ ଜେନା, ଦୁର୍ଯ୍ୟୋଧନ ଶତପଥୀ, ଗଣେଶ ଘଡାଇ, ପ୍ରଶାନ୍ତ ପଢିହାରୀ, ନିର୍ମଳ ଗିରି, ଗୋପବନ୍ଧୁ ରମାଦେବୀ ଆଶ୍ରମର ରମାକାନ୍ତ ମଣ୍ଡଳ, କୁଞ୍ଜବିହାରୀ ଦାଶ, ବୃନ୍ଦାବନ ସାମଲ, ସତ୍ୟରଞ୍ଜନ କର, ବିଶ୍ୱନାଥ ତ୍ରିପାଠୀ, ଆଶୁତୋଷ ପରିଡା, ସୁମନ୍ତ ପଣ୍ଡା, ସୋମନାଥ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମଳୀ ପତି ଧନ୍ୟବାଦ ଦେଇଥିଲେ। ୨୯ତାରିଖ ଠାରୁ ୩୧ତାରିଖ ପର୍ଯ୍ୟନ୍ତ କସ୍ତୁରବା ଟ୍ରଷ୍ଟ ପକ୍ଷରୁ ପୁନଃସଂସ୍କାର ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ କେନ୍ଦ୍ରର କୃଷ୍ଣାରାଣୀ ବୋଷ, ଜୟଶ୍ରୀ ବିଶ୍ୱାଳ, ଶାନ୍ତନୁ ମହାପାତ୍ର, ସତ୍ୟଭାମା ସାହୁ, ଚଂଚଳା ନାୟକ, ସୁକାନ୍ତି ନାୟକ, ପୁଷ୍ପଲତା ସ୍ୱାଇଁ, ସରୋଜିନୀ ମହାନ୍ତି, ଶିବାନୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ପରିଚାଳିକା ଭାରତୀ ଘୋଷ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କବିତା ପାଠୋତ୍ସବ

ନୂଆପଡ଼ା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ତିଖାଲି ଡ୍ୟାମ ପରିସରରେ ନୂତନ ବର୍ଷ ଅବସରରେ ଉତ୍କଳ ସାହିତ୍ୟ ସମାଜ ଖଡିଆଳ ଶାଖା ପକ୍ଷରୁ କବିତା ପାଠୋତ୍ସବ ଓ ଗଳ୍ପ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ଶାଖା ଉତ୍କଳ ସାହିତ୍ୟ ସମାଜର ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଉପ ସଭାପତି ଆଶିଷ କୁମାର ପାଢୀ, ମୁଖ୍ୟବକ୍ତା ଭାବରେ ବୁଢିକୋମନା ହାଇସ୍କୁଲର ଶିକ୍ଷୟତ୍ରୀ ପ୍ରହାସିନୀ ପାଢୀ ସମ୍ମାନୀତ ଅତିଥି ଭାବରେ କବି ପବିତ୍ର ସୁଆର, କ୍ୟାତ୍ୟାୟନୀ ପାଢୀ, ଅଧ୍ୟାପକ ଶୋଭିତ ମିଶ୍ର, ଗିରିଶ ପୁରୋହିତ, ସୁଷମା ପତି ପ୍ରମୁଖ ଯୋଗଦାନ କରିଥିଲେ। ସୂଚନା ଥାଉକି ଚଳିତ ବର୍ଷ ନବବର୍ଷ ଉପଲକ୍ଷେ ତିଖାଲି ଡ୍ୟାମରେ ନୂଆପଡା ଜିଲ୍ଲା ସମେତ ପଡୋଶୀ ଜିଲ୍ଲା ବଲାଙ୍ଗୀର, କଳାହାଣ୍ଡି, ବରଗଡ ସମେତ ପଡୋଶୀ ରାଜ୍ୟ ଛତିଶଗଡ ରାଜ୍ୟରୁ ହଜାର ହଜାର ଲୋକ ବଣ ଭୋଜି କରିବାକୁ ଆସିଥିଲେ। ଏ ଅବସରରେ ଏକ ଖୋଲା ଆକାଶ ତଳେ ଉତ୍କଳ ସାହିତ୍ୟ ସମାଜ ଖଡିଆଳ ଶାଖା ପକ୍ଷରୁ କବିତା ପାଠୋତ୍ସବ ଓ ଗଳ୍ପ ପଠନ କାର୍ଯ୍ୟକ୍ରମ କରାଯାଇଥିବାରୁ ପ୍ରବଳ ଭୀଡ ଅନୁଭୂତ ହୋଇଥିଲା। ଭୋଜିରେ ଆସିଥିବା ମହିଳା ଓ ପୁରୁଷମାନେ ମଧ୍ୟ କବିତା ଓ ଗଳ୍ପ ପଠନରେ ଭାଗ ନେଇଥିଲେ। ଶେଷରେ ସଭାପତିତ୍ୱ କରିଥିବା ମେଜର ଡ. ରାମଚନ୍ଦ୍ର ମିଶ୍ର ସମସ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନା ଡାକ୍ତରରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଉଦଘାଟନ

ଗଞ୍ଜାମ, (ପିଏନ)- ଓଡ଼ିଶା ସରକାରଙ୍କ ନୂତନ ନୀତି ପ୍ରକାରେ ପିତଳ ନୂତନ ପିଏଚସି ନୂତନ ବର୍ଷ ୧୯ ଠାରୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ କରାଯାଇଛି। ଏହାକୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ସୋନୁ ଦେବୀ ଉଦଘାଟନ କରିଛନ୍ତି। ଉକ୍ତ ଉତ୍ସବରେ ବ୍ରହ୍ମପୁର ସିଟି ଆରୋଗ୍ୟ ଭାରତୀୟ ଆରୋଗ୍ୟ ମିତ୍ର ଅଧ୍ୟକ୍ଷ ତଥା ପିତଳ ଡାକ୍ତରଖାନାର ରୋଗୀ କଲ୍ୟାଣ ସମିତି ସଦସ୍ୟ ଡାକ୍ତର ହଷୀକେଶ ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇ ଦୀର୍ଘ ବର୍ଷ ଧରି ପିତଳ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ନଥିବା ବେଳେ ଏହି କେନ୍ଦ୍ର ଚାଲିବ କିପରି ବୋଲି ପ୍ରଶ୍ନ କରିଥିଲେ। ଗଂଜାମ ସିଡିଏମଓଙ୍କ ଦୃଷ୍ଟି ଆକର୍ଷଣ ଏଥିପାଇଁ କରିବେ ବୋଲି ଉଦଘାଟିକା ଡାକ୍ତର ସୋନୁ ଦେବୀ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ଅଧକ୍ଷତା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ କୃଷ୍ଣଚନ୍ଦ୍ର ମଳିକ, ବି.ପି.ଏସ ଦିଲ୍ଲୀପ କୁମାର ବେହେରା, ପି,ଏଚ.ଇ.ଓ କୁଞ୍ଜ ବିହାରୀ ନାୟକ, ବିଏ.ଏମ୍ ହରେକୃଷ୍ଣ ସାହୁ, ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି ଏବଂ ସ୍ଥାନୀୟ ବହୁ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ଏହି କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ସହ କର୍କଟ, ରକ୍ତଚାପ ଓ ଡାଇବେଟିସ ଭଳି ରୋଗର ପରୀକ୍ଷା କରାଯାଇ ଚିକିତ୍ସା କରାଯିବ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପରିଶେଷରେ ଆୟୁଷ ଡାକ୍ତର ଦେବାଶିଷ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

